## ସଂକ୍ଷେପରେ

### ଧାନଗଦା ତଳୁ ମିଳିଲା ମହିଳାଙ୍କ ମୃତଦେହ

ରାସଗୋବିନ୍ଦପୁର,୨୫ା୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମ ରାସ୍ତା ପାର୍ଶ୍ୱ ବିଲ ମଝିରେ ଥିବା ଥିବା ଏକ ଧାନଗଦା ତଳୁ ଜଣେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ପୋଲିସ ଜବତ କରିଛି। ମୃତ ମହିଳା ଜଣକ ହେଲେ ମଙ୍ଗଳପୁର ଗ୍ରାମର ସିଙ୍ଗରାଇ ହେମ୍ବ୍ରମଙ୍କ ସ୍ତ୍ରୀ ଶିବାନୀ। ଗୁରୁବାର ରାତି ୮ଟାରେ ସେହି ସ୍ଥାନରେ ଧାନ କଟା ଯାଉଥିବା ବେଳେ ଧାନ ଗଦା ତଳେ ଶିବାନୀଙ୍କ ମୃତଦେହ ମିଳିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସ୍ୱାମୀ ସିଙ୍ଗରାଇଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

### ଭାରତୀୟ ମଜଦୁର ସଂଘ ପକ୍ଷରୁ ଦାବିପତ୍ର

ଠାକୁରମୁଣ୍ଡା,୨୫ା୧୧(ଡି.ଏନ.ଏ.)- ଭାରତୀୟ ମଜଦୁର ସଂଘ ରାଇରଙ୍ଗପୁର ସାଙ୍ଗଠନିକ ଜିଲା ପକ୍ଷରୁ ଅସଂଗଠିତ ଶ୍ରମିକ ଓ ପ୍ରବାସୀ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଠାକୁରମୁଣ୍ଡା ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଠାକୁରମୁଣ୍ଡା ବ୍ଲକ ଭାରତୀୟ ମଜଦୁର ସଙ୍ଘ ସଭାପତି ଗଣନାଥ ନାୟକ,ସମ୍ପାଦକ ଅଲେଖ ସେଠୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଏହି ଦାବିପତ୍ର ପ୍ରଦାନ କରିଥିଲେ।

### ଲକ୍ଷ୍ମୀକାନ୍ତ କଲେଜ ଅର୍ଥନୀତି ବିଭାଗର ସ୍ୱାଗତ ଉତ୍ସବ

ବାଙ୍ଗିରିପୋଷି,୨୫ା୧୧(ଡି.ଏନ.ଏ.): ବାଙ୍ଗିରିପୋଷିସ୍ଥିତ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ + ୩ ଅର୍ଥନୀତି ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ବିଭାଗୀୟ ମୁଖ୍ୟ ପ୍ରାଧାପକ ହରିହର ଶଙ୍ଖୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷା ଡ.ପୁଷ୍ପା ପାତ୍ର, ମୁଖ୍ୟ ବକ୍ତା ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧାପକ ସତ୍ୟନାରାୟଣ ସାମଲ ଯୋଗ ଦେଇଥିଲେ। ବିଭାଗର ଅନ୍ୟତମ ଅଧାପକ ସତ୍ୟବ୍ରତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ନବାଗତ ଛାତ୍ରୀଛାତ୍ରୀଙ୍କୁ ତୃତୀୟ ବର୍ଷର ଛାତ୍ରୀଛାତ୍ର ଅମିତ, ମହେଶ୍ୱର, ତପନ, ଆଶ୍ମିତା, ଶୁଭମ, ମଧୁସ୍ମିତା, ସୀତା, ବିଥିକା ସ୍ୱାଗତ ଜଣାଇଥିଲେ ।

### ଉଦଳା ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ

ଉଦଳା,୨୫ା୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ପ୍ରିମିୟର ଲିଗ୍ କ୍ରିକେଟ ପାଇଁ ସ୍ଥାନୀୟ ଚିଲଡ୍ରେନ୍ ପାର୍କ ସଭାଗୃହରେ ଖେଳାଳି ନିଲାମ ପ୍ରକ୍ରିୟା ଶେଷ ହୋଇଛି। ୧୮୦ଜଣ ଖେଳାଳି ନାମ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦୬ଜଣଙ୍କୁ ନିଲାମ କରାଯାଇଥିଲା। ସାଇ ବଜରଙ୍ଗୀ ଫାଇଟର, ନବଜ୍ୟୋତି ୱାରିୟର, ଆରକେଇସି ୱାରିଅର, ସ୍ୱସ୍ତିକ ଫାଇଟର, ଝାଡ଼େଶ୍ୱର ସ୍ପୋର୍ଟିଂ ଆଣ୍ଡ ଫ୍ରେଣ୍ଡସ୍ ୟୁନିୟନ ଆଦି ୫ଟି ଟିମ୍ ପକ୍ଷରୁ ଏହି ଖେଳାଳିମାନଙ୍କୁ କିଣାଯାଇଥିଲା। ପୀତାମ୍ବର ବେହେରାଙ୍କୁ ସର୍ବାଧିକ ୬୬୦୦ ଟଙ୍କାରେ ଆରକେଇସି ୱାରିଅର ଟିମ୍ କିଣିଛି। ଏହି ନିଲାମ ପ୍ରକ୍ରିୟା ପରିଚାଳନାରେ ଆମ ଉଦଳା କ୍ରିକେଟ କ୍ଲବର ସଦସ୍ୟ ଅମିତ ବେହେରା, କାଜଲ ବେହେରା, ସାଗର ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

### ଭିଜନ-୨୪ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାଲେଶ୍ୱର ଅଫିସ, ୨୫ା୧୧-ବାଲେଶ୍ୱର ସହରସ୍ଥିତ ପରମିଟ୍ ପଡ଼ିଆରେ ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଭିଜନ-୨୪(ସିନିୟର ଏବଂ ୧୯ବର୍ଷରୁ କମ୍ ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ) ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା କ୍ରୀଡ଼ା ସଂଘର ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ଓ ଉପସଭାପତି ବୀରେନ୍ଦ୍ର କୁମାର ସ୍ୱାଇଁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ ଓ ସଞ୍ଜୟ କୁମାର ଲେଙ୍କା ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟ ଲିଗ୍‌ଭିତ୍ତିକ ଓ ପ୍ରତ୍ୟେକ ଇନିଂସ୍ ୫୦ଓଭର ହେବ। ଏହି ପରିପ୍ରେକ୍ଷୀରେ ଯଷ୍ଟ କ୍ରିକେଟ୍ ଆକାଡ଼େମୀ ବାଲେଶ୍ୱର ଓ ସୋର କ୍ରିକେଟ୍ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳକୁ ଅଶ୍ୱିନୀ କୁମାର ସାମଲ ଓ ସ୍ୱରୂପ ଯୋଶେଫ ପରିଚାଳନା କରିଥିଲେ। ଉତ୍ସବରେ କ୍ରିକେଟ୍ ଦାୟିତ୍ୱରେ ଥିବା ଯୁଗ୍ମ ସମ୍ପାଦକ ସୁଜୟ କୁମାର ଆଚାର୍ଯ୍ୟ, ଅଜିତ୍ ପାତ୍ର, ବିଜୟ ପାଢ଼ୀ, ଅମିତାଭ ମହାକୁଡ଼, ଦିଲୀପ ଜେନାଙ୍କ ସମେତ ବହୁ ପୁରାତନ ଖେଳାଳୀ ଉପସ୍ଥିତ ଥିଲେ।

# ପଥର ଖୋଦେଇର ଗାଁ

**ବାରିପଦା ଅଫିସ,୨୫ା୧୧**


ଜଣେ କାରିଗର ପଥରରୁ ମୂର୍ତ୍ତି ତିଆରି କରୁଛନ୍ତି।

**କଳାକୃତିର ଉପଯୁକ୍ତ ବଜାର ମୂଲ୍ୟ, କଞ୍ଚାମାଲ ଅଭାବ ପ୍ରମୁଖ ସମସ୍ୟା**

ରାତି ପାହିଲେ ନିହାଣ ଶବ୍ଦରେ ଗୁଞ୍ଜରିତ ହୋଇଉଠେ ଆଖପାଖ ଅଞ୍ଚଳ। ମୁଗୁନିପଥରକୁ ଖୋଦେଇ କରି ଜୀବନ୍ତ କରିଥାନ୍ତି କାରିଗରମାନେ। ମୟୂରଭଞ୍ଜ ଜିଲା ଶୁକ୍ଳି ବ୍ଲକ ଅର୍ଜୁନବିଲା ପଞ୍ଚାୟତ ଅନ୍ତର୍ଗତ କେଶନା ଗ୍ରାମ ଏହି ସୁନ୍ଦର କାରୁକାର୍ଯ୍ୟ ପାଇଁ ଜିଲା ତଥା ରାଜ୍ୟ ବାହାରେ ବେଶ୍ ପରିଚିତ। ଗାଁର ପୁରୁଷଙ୍କ ସହ ମହିଳାମାନେ ମଧ୍ୟ କଳାକୃତି ନିର୍ମାଣରେ ସିଦ୍ଧହସ୍ତ।

କଳା ଓ ସଂସ୍କୃତି ପାଇଁ ବିଶ୍ୱଦରବାରରେ ପରିଚିତ ମୟୂରଭଞ୍ଜ ଜିଲା। ଗଡ଼ଜାତ ସମୟରେ ଏକଦା ମୟୂରଭଞ୍ଜ ରାଜ୍ୟର ରାଜଧାନୀ ଥିଲା ଖିଚିଂକୋଟ୍ଟା। ଜାତୀୟ ରାଜପଥ ନଂ.୪୯ର ଚଢ଼େଇଭୋଳ-ଖିଚିଂ ରାସ୍ତାରେ ଗଲେ ପଡ଼େ କେଶନା ଗ୍ରାମ। ଏହି ଗାଁରେ ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ୮୫ ଭାଗ ଲୋକ ପଥର କାରିଗରି ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବେଳେ ଅବଶିଷ୍ଟ ଚାଷ ଓ ସରକାରୀ କର୍ମଚାରୀ ଭାବରେ କାମ କରୁଛନ୍ତି । ଗ୍ରାମର ଲୋକେ ସରଳ ଭାବରେ ଜୀବନଯାପନ କରୁଥିବାବେଳେ ସେମାନଙ୍କ ପ୍ରଥା ଓ ପରମ୍ପରା ଅତ୍ୟନ୍ତ ନିଆରା। ମୁଗୁନିପଥର କାରିଗରମାନେ ପଥର ଦେହରେ ଆଙ୍କିପାରନ୍ତି ବିଭିନ୍ନ ରୂପର ଜୀବନ୍ତ ପ୍ରତିକୃତି । ପୂର୍ବପୁରୁଷଙ୍କୁ ଅନୁସରଣ କରି ଏହି ଗାଁ ଲୋକେ ପଥର କାରିଗରିକୁ ନିଜର ପେସା ଭାବରେ ଗ୍ରହଣ କରିଛନ୍ତି। ଗାଁରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ସୁଦକ୍ଷ କାରିଗର ଥିବା ବେଳେ ସେମାନଙ୍କ ଦ୍ୱାରା ନିର୍ମିତ ନିଖୁଣ ମୂର୍ତ୍ତି ସାରା ବିଶ୍ୱରେ ବିଖ୍ୟାତ। ନୂତନ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ଉଦ୍ୟୋକ୍ତାମାନେ ଏହି ଗ୍ରାମକୁ ଆସି ସେମାନଙ୍କର ପସନ୍ଦର ମୂର୍ତ୍ତି ନିର୍ମାଣ ପାଇଁ ଅଗ୍ରିମ ଟଙ୍କା ଦାଖଲ ପୂର୍ବକ ବରାଦ ଦେଇଥାନ୍ତି । ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ସହିତ ପୂର୍ବପୁରୁଷ ଓ ମହାପୁରୁଷଙ୍କ ଅବିକଳ ପ୍ରତିକୃତି ନିର୍ମାଣ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି ଏହି ଗାଁର କାରିଗରମାନେ। ସେହିପରି ଏହି ଗ୍ରାମର କଳାକୃତି ବିଭିନ୍ନ ସହରର ବଡ଼ବଡ଼ ହୋଟେଲ, ଅନୁଷ୍ଠାନ ଓ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟରେ ଶୋଭାବର୍ଦ୍ଧନ କରୁଛି।

କାରିଗର ସୁବାଶିଷ ନନ୍ଦୀ କୁହନ୍ତି, ପଥରରୁ ପଥୁରୀ, ଗ୍ଲାସ୍, ବେଲଣା ଚକି ଓ ବାଡ଼ି ହେମଦସ୍ତା, ଧୂପଦାନୀ, ହାତୀ, ବାଘ, ସିଂହ, କୋଣାର୍କ ଚକ୍ର ଓ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ମେଳା ଓ ବଜାରରେ ବିକ୍ରି କରିଥାଉ। ମାତ୍ର ସରକାରୀ ସ୍ତରରେ ଉପଯୁକ୍ତ ବଜାର ସୁବିଧା ନ ଥିବାରୁ ପରିଶ୍ରମ ଅନୁସାରେ ମୂଲ୍ୟ ପାଇପାରୁନାହୁଁ। ତେବେ ଐତିହାସିକ ଶକ୍ତିପୀଠ ଖିଚିଂ ମା' କିଚକେଶ୍ୱରୀଙ୍କ ଦର୍ଶନ ସାଙ୍ଗକୁ ଓଡ଼ିଶାର ପୁରାତନ ସଂଗ୍ରହାଳୟ ଦେଖିବାକୁ ପ୍ରତିଦିନ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଗ୍ରାମର ଅଧିକାଂଶ ବାସିନ୍ଦା ବ୍ୟବସାୟ ଭିତ୍ତିରେ ମୂର୍ତ୍ତି ଓ ବିଭିନ୍ନ ଉପକରଣ ନିର୍ମାଣ କରି ଏବେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ବୋଲି କାଳିଚରଣ ମହାରଣା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଆଦିପୁର, କୁମ୍ଭିର୍ଦା, ଶିଆଳିଗୋଠାଣୀ ଓ ନୂଆଗାଁ ପଥର ଖଣିରୁ ସଂଗ୍ରହ କରାଯାଉଥିବା କଞ୍ଚାମାଲ (ପଥର) ଶେଷ ହେବାକୁ ବସିଲାଣି। କଞ୍ଚାମାଲର ଅଭାବ କାରିଗରମାନଙ୍କ ମୁଖ୍ୟ ସମସ୍ୟା ପାଲଟିଥିବା ଗ୍ରାମର ନରହରି ରାଉତ, ସର୍ବେଶ୍ୱର ରାଉତ ଓ ଜନ୍ମେଜୟ ମହାରଣା ପ୍ରମୁଖ ପ୍ରକାଶ କରିଛନ୍ତି। କାରିଗରଙ୍କ କଳାକୃତିକୁ ବିଶ୍ୱ ବଜାରରେ ପହଞ୍ଚାଇବାକୁ ସରକାରଙ୍କ ସହଯୋଗ ସହିତ କଞ୍ଚାମାଲ ଯୋଗାଇବା ଏକାନ୍ତ ଆବଶ୍ୟକ ବୋଲି କାରିଗରମାନେ ଦାବି କରିଛନ୍ତି।

# ସ୍କୁଲ ରୂପାନ୍ତରଣ ଆଳରେ ଗଛ କଟାକୁ ନେଇ ଅସନ୍ତୋଷ

**କେନ୍ଦୁଝର, ୨୫ା୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ୫ଟି ଅନ୍ତର୍ଗତ ୧୦୦ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ବ୍ୟାପକ ଗଛକଟାକୁ ନେଇ ପରିବେଶବିତ ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସାଂପ୍ରତିକ ପରିସ୍ଥିତିରେ ପୃଥିବୀ ତାପନକୁ ନେଇ ସମଗ୍ର ବିଶ୍ୱରେ ପରିବେଶ ସୁରକ୍ଷା ପାଇଁ ଜଙ୍ଗଲ ଓ ପରିବେଶର ସୁରକ୍ଷା ତଥା ବୃକ୍ଷରୋପଣକୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ତରବରିଆ ଭାବେ ଗଛ କାଟି ଦିଆଯିବା ପରିବେଶବିତ ମାନେ ଚିନ୍ତା ପ୍ରକଟ କରିଛନ୍ତି। ଏହା ଫଳରେ ସ୍କୁଲ ପରିସର ଖାଁ ଖାଁ ଲାଗୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସେସବୁ ଗଛ ନ କାଟି ସୌନ୍ଦର୍ଯ୍ୟକରଣ କରାଯାଇ ପାରନ୍ତା ବୋଲି ମତ ପ୍ରକାଶ ପାଉଛି।

ପାଖାପାଖି ୨ଶହରୁ ଉର୍ଦ୍ଧ୍ୱ ଗଛ କଟାଯାଇଥିବା କୁହାଯାଉଥିବା ବେଳେ କମ ଗଛର ଅନୁମତି ନିଆଯାଇଥିବାରୁ ପ୍ରକୃତ ସଂଖ୍ୟା ଜଣାପଡୁନାହିଁ । ଅନେକ ସ୍କୁଲ ଗଛ କାଟିବା ନେଇ ବନବିଭାଗର ଅନୁମତି ନ ନେଇ ଗଛ କାଟିଥିବା ଅଭିଯୋଗ ହେଉଛି। ତେବେ ବନ ବିଭାଗ ପକ୍ଷରୁ ଗଛ କାଟିବା ପାଇଁ ଅନୁମତି ମିଳିବା ପୂର୍ବରୁ ଅନେକ ଉଚ୍ଚ ବିଦ୍ୟାଳୟରେ ଠିକାଦାରଙ୍କୁ ଲଗାଇ ଗଛ କଟାଯାଇଛି। ଯାହାର ହିସାବ କାହା ପାଖରେ ନାହିଁ। ଏନେଇ କେନ୍ଦୁଝର ଡିଏଫଓ ହନୁମତ ଏଚ.ଡି. କହିଛନ୍ତି ଯେ କିଛି ଗଛ ଅସୁରକ୍ଷିତ ଥିବା ଏବଂ କିଛି ଆବଶ୍ୟକତା ଦୃଷ୍ଟିରୁ କଟାଯାଇଛି। ଯେଉଁମାନେ ଅନୁମତି ନେଇଛନ୍ତି ସେମାନଙ୍କୁ ଗଛ କାଟିବାକୁ ଅନୁମତି ଦିଆଯାଇଛି। ପାଖାପାଖି ୧୧ଟି ସ୍କୁଲକୁ ୮୦ଟି ଗଛ କାଟିବାକୁ ଅନୁମତି ଦିଆଯାଇଛି। ଅବଶିଷ୍ଟ ୧୦ ଟି ସ୍କୁଲକୁ ଯୁଗ୍ମ ତଦନ୍ତ କରିବା ପରେ ୫୦ଟି ଗଛ କାଟିବା ପାଇଁ ଅନୁମତି ଦିଆଯିବ।

# ଜଙ୍ଗଲ ନିଆଁ ପ୍ରତିରୋଧ ଲାଗି ବୈଠକ

**କେନ୍ଦୁଝର, ୨୫ା୧୧ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ଜଙ୍ଗଲ ନିଆଁ ପ୍ରତିରୋଧ ନିମନ୍ତେ କାର୍ଯ୍ୟଖସଡ଼ା ପ୍ରସ୍ତୁତି ପାଇଁ ବୁଧବାର ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟସ୍ଥ ମିନି କନଫରେନ୍ସ ହଲ୍‌ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲାପାଳ ଠାକରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲାରେ ଜଙ୍ଗଲ ନିଆଁ ପ୍ରତିରୋଧ ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରି ବିଭିନ୍ନ ବିଭାଗ ଓ ଅନୁଷ୍ଠାନ ମଧ୍ୟରେ ଉତ୍ତମ ସମନ୍ୱୟ କାମନା କରିଥିଲେ। କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍.ଡି. ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଜଙ୍ଗଲ ନିଆଁ ପ୍ରତିରୋଧ ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତିର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଗତବର୍ଷ ରାଜ୍ୟରେ ତଥା କେନ୍ଦୁଝର ଜିଲାରେ ଜଙ୍ଗଲ ଗୁଡ଼ିକରେ ନିଆଁ ଲାଗିଥିବାରୁ ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଜଙ୍ଗଲ ନିଆଁର ପ୍ରତିରୋଧ ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯିବ। ଏହାର ସଫଳ ପ୍ରତିକାର ପାଇଁ ବିଭିନ୍ନ ଷ୍ଟେକ୍‌ହୋଲ୍‌ଡରମାନଙ୍କର ସାହାଯ୍ୟ ଓ ସହଯୋଗ ଏକାନ୍ତ ଆବଶ୍ୟକ। ଜଙ୍ଗଲରେ ନିଆଁ ଲାଗିଲେ ଏହାକୁ ଲିଭାଇବା ପାଇଁ ଅଗ୍ନିଶମ ବିଭାଗ ସାହାଯ୍ୟ ଅତ୍ୟନ୍ତ ଜରୁରୀ ହୋଇଥିବାରୁ ଜଙ୍ଗଲ ଓ ଅଗ୍ନିଶମ ବିଭାଗର କର୍ମଚାରୀଙ୍କର ମିଳିତ ତାଲିମ ଶିବିର ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆନନ୍ଦପୁର ଡିଏଫ୍‌ଓ. (ବନ୍ୟପ୍ରାଣୀ) ଅଜିତ କୁମାର ଶତପଥି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, କେନ୍ଦୁଝର ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ ପ୍ରମୁଖ ସାମିଲ ଥିଲେ।

# କୃଷି, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ଜିଲା ଯୋଜନା କମିଟି ବୈଠକ**

**ଭଦ୍ରକ ଅଫିସ, ୨୫ା୧୧**

ଭଦ୍ରକ ଜିଲା ଯୋଜନା କମିଟି ବୈଠକ ବୁଧବାର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଡ. ବ୍ୟୋମକେଶ ରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଧାମନଗର ବିଧାୟକଙ୍କ ପ୍ରତିନିଧି ବୁଦ୍ଧଦେବ ଜେନା, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲାପାଳ ତ୍ରିଲୋଚନ ମାଝି, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଜିଲାପାଳ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ପରେ ଅଧ୍ୟକ୍ଷଙ୍କ ପରିଚାଳନାରେ ପ୍ରତ୍ୟେକ ବିଭାଗର ୨୦୨୦-୨୧ ଓ ୨୧-୨୨ ବର୍ଷ ପାଇଁ ଯୋଜନା ଓ ତା'ର କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇଥିଲା। ୨୦୨୧-୨୨ ବର୍ଷ ପାଇଁ ମୋଟ ୧୯୮୦୨୨.୫୮ଲକ୍ଷ ଟଙ୍କାର ଯୋଜନା ଉପସ୍ଥାପନ କରାଯାଇଥିଲା।

ଏହି ଯୋଜନା ମଧ୍ୟରେ କୃଷି, ପଞ୍ଚାୟତିରାଜ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ, ଶକ୍ତି, ଶିଳ୍ପ ଓ ଲଘୁ ଖଣିଜ, ପରିବହନ, ବିଜ୍ଞାନ, କାରିଗରୀ ଓ ପରିବେଶ, ସାଧାରଣ ଆର୍ଥିକ ସେବା, ସାମାଜିକ ସେବା ପ୍ରମୁଖ ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ଜେନା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷା ବିଭାଗରେ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ୧୦୯ଟି ସ୍କୁଲ ଥିବା ନେଇ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ପ୍ରକାଶ କରିଥିଲେ। ଜିଲା ପରିଷଦ ସଦସ୍ୟ ଓ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ଅବକାରୀ ଚଢ଼ାଉ: ୪ ଗିରଫ

**ଖୁଣ୍ଟା,୨୫ା୧୧(ଡି.ଏନ.ଏ.)**

ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀ ମଦ କାରବାରରେ ଲିପ୍ତ ଥିବା ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବଡ଼ ସାତଶୋଳ ଗ୍ରାମର ରତି ଗୁଡ୍ଡୁ, ଟାଙ୍ଗଣା ଗ୍ରାମର ବାଇଧର ସିଂ, ପୁରୁଣାପାଣି ଗ୍ରାମର ପାର୍ବତୀ ବିନ୍ଧାଣୀ ଓ ରତନୀ ସିଂ। ସେମାନଙ୍କଠାରୁ ମୋଟ ୫୫ ଲିଟର ମହୁଲି ମଦ ଜବତ କରାଯାଇଛି। ସେହିପରି ଏକ ନିର୍ଜନସ୍ଥାନରେ ଚାଲିଥିବା ମଦ ଭାଟି ଉପରେ ଚଢ଼ାଉ କରାଯାଇ ୧୦୦ଲିଟର ଦେଶୀ ମଦ ଓ ବିପୁଳ ପରିମାଣର ପୋଚ ଜବତ କରାଯାଇଥିଲା। ଖୁଣ୍ଟା ଅବକାରୀ ଅଧିକାରୀ ପ୍ରସନ୍ନ କୁମାର ଜାଲିଙ୍କ ନେତୃତ୍ୱରେ ଏଏସ୍‌ଆଇ ବିଜୟ ମହାନ୍ତ ଓ ବିଶ୍ୱନାଥ ମହାନ୍ତ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

# ଗ୍ୟାରେଜ୍ ମାଲିକଙ୍କୁ ବନ୍ଧୁକ ଦେଖାଇ ଲୁଟ୍

**ଖୁଣ୍ଟା,୨୫ା୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ପୁରୁଣାପଣି ଛକଠାରୁ ଅନତି ଦୂରରେ ଥିବା ଏକ ମୋଟର ସାଇକେଲ ଗ୍ୟାରେଜ୍‌ର ମାଲିକଙ୍କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ୧୪ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ୩ ଯୁବକ ଏକ ବାଇକ୍‌ରେ ଆସି ଗ୍ୟାରେଜ୍ ମାଲିକ ବଡ଼ସାହି ଥାନା ନାଉପାଳ ଗ୍ରାମର ସୁଭାଶିଷ ସାହୁଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ତାଙ୍କ ବାକ୍ସରେ ଥିବା ୧୪ ହଜାର ଟଙ୍କା ଲୁଟିନେଇ ବାରିପଦା ଅଭିମୁଖେ ପଳାଇ ଯାଇଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ବେଳେ ଖବର ଲେଖାଯିବା ସୁଦ୍ଧା ଲୁଟେରାମାନଙ୍କୁ ଠାବ କରିପାରିନାହିଁ।

# କଳାକାର ଭତ୍ତା ଦାବି


ଶୋଭାଯାତ୍ରାରେ ସଂକୀର୍ତ୍ତନ ମଣ୍ଡଳୀ।

**ଭଦ୍ରକ ଅଫିସ,୨୫ା୧୧**

ଶ୍ରୀ ଶ୍ରୀ ଜଗନ୍ନାଥ କଳା ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର ଭଦ୍ରକ ଜିଲା ଶାଖା ପକ୍ଷରୁ ପ୍ରତ୍ୟେକ ସଂକୀର୍ତ୍ତନ ମଣ୍ଡଳୀ କଳାକାରଙ୍କୁ ପରିଚୟପତ୍ର ପ୍ରଦାନ, ସାମାଜିକ ସୁରକ୍ଷା ଯଥା- ପେନ୍‌ସନ୍, ଭତ୍ତା, କୋଭିଡ୍ ସହାୟତା ଆଦି ଦାବି ପୂରଣ ପାଇଁ ଭଦ୍ରକଠାରେ ବିଶାଳ ଶୋଭାଯାତ୍ରା ଓ ପାରମ୍ପରିକ ପଥପ୍ରାନ୍ତ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ସଂକୀର୍ତ୍ତନ ମଣ୍ଡଳୀର କଳାକାରଙ୍କୁ ନେଇ ଶୋଭାଯାତ୍ରା, ନଗର କୀର୍ତ୍ତନ ସହ ଗାନ୍ଧୀପଡ଼ିଆରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ନାରାୟଣ ନାୟକଙ୍କ ସଭାପତିତ୍ୱରେ ପଥପ୍ରାନ୍ତ ସଭା ହୋଇଥିଲା। ୫ଜଣ କର୍ମକର୍ତ୍ତାଙ୍କ ଦ୍ୱାରା ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ପଥପ୍ରାନ୍ତ ସଭାରେ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ଶିବ ପ୍ରସାଦ ସ୍ୱାଇଁ, ସଭାପତି ରବିନାରାୟଣ ସ୍ୱାଇଁ, ଜିଲା ସଭାପତି ଚନ୍ଦ୍ରମଣି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସଫା କାର୍ଯ୍ୟକ୍ରମ

**ବାଲେଶ୍ୱର ଅଫିସ, ୨୫ା୧୧**

ବାଲେଶ୍ୱର ବିଜୁ ଛାତ୍ର ଜନତା ଦଳ ତରଫରୁ ଗୁରୁବାର ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିକୁ ସମ୍ପୂର୍ଣ୍ଣ ପରିଷ୍କାର କରାଯାଇଛି। ଏଥିସହ ଆଖପାଖରେ ଥିବା ସ୍ଥାନକୁ ସଫେଇ କରାଯିବା ପରେ ସମସ୍ତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରମିକନେତା ଶାନ୍ତନୁ ଦାସ, ପୂର୍ବତନ କାଉନସିଲର ଶମ୍ଭୁ ସିଂ, ସୁବ୍ରତ ଦାସ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରନେତା ରଶ୍ମିରଞ୍ଜନ ପ୍ରଧାନ, ସୁଶୀଲ ପଣ୍ଡା, ଚିନ୍ମୟ ମହାନ୍ତି, ହ୍ରିତିକ୍ ନାୟକ, ନରୋତ୍ତମ ଦାସ, ପ୍ରୀତମ ସ, ଶୁଭମ ନାୟକ, ରଜତ ଘଡେଇ, ସୁରଜ ସାହୁ, ଦେବରାଜ ଦେ, ମହେଶ ଦତ୍ତ, ସହାବାଜ ସେକ, ହେମନ୍ତ ବେହେରା, ସମ୍ମିତ ନନ୍ଦୀ, ଆନନ୍ଦ କୁମାର, ଲଳିତ ପୃଷ୍ଟି, ଅରବିନ୍ଦ, ଅରୂପ ସାହୁ, ଜ୍ୟୋତି ପ୍ରକାଶ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସଫା କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

# ବାରିପଦାରେ ହେବ ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା

**ବାରିପଦା ଅଫିସ,୨୫ା୧୧**

ଆସନ୍ତା ଜାନୁୟାରୀ ୨୧ରୁ ୨୪ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମୟୂରଭଞ୍ଜ ଜିଲା ବାରିପଦାଠାରେ ଏହି ପ୍ରତିଯୋଗିତାର ଆୟୋଜନ ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର କୁମାର ବସା ରାଜ୍ୟ ସରକାରଙ୍କୁ ସମ୍ମତି ପ୍ରଦାନ କରିଛନ୍ତି ।

ଏ ନେଇ କୁଳପତି ପ୍ରଫେସର ବସାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ଡ. ଅନୀଲ କୁମାର ବିଶ୍ୱାଳ, ଡ. ଆର.କେ. ସିଂହ, ଡ. ଜେ.କେ. ମନ୍ତ୍ରୀ, ଡ. ପି.ଆର.ଦେବତା, ଡ. ବି.କେ. ଜେନା, ଡ. ଆଦିତ୍ୟ ପାତ୍ର, ଡ. ଜ୍ୟୋତିରଞ୍ଜନ ସାହୁ, ଡ. ସୃଷ୍ଟିଧର ରାଉତ, ଡ. ପୁଷ୍ପାଞ୍ଜଳି ପରିଡ଼ା, ଡ. ଗାର୍ଗି ମହାନ୍ତି, ଡ. କୁକୁ ମହାପାତ୍ର, ଡ. ପ୍ରିୟଦର୍ଶିନୀ ସଂଘମିତ୍ରା ସାହୁ, ଡ. ପ୍ରଭଞ୍ଜନ ମଲ୍ଲିକ, ବିଶ୍ୱବିଦ୍ୟାଳୟ ସ୍ପୋର୍ଟସ ପରିଷଦ ସମ୍ପାଦକ ଡ. ଇନ୍ଦ୍ରଜିତ ନାଏକ, ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ ସମ୍ପାଦକ କିଶୋର କୁମାର ବିଶ୍ୱାଳ, ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ଏସସିବି ଡିଗ୍ରୀ କଲେଜର ଅଧ୍ୟକ୍ଷା ଡ. ଅସୀମା ସାହୁ, ଖୁଣ୍ଟା ଡିଗ୍ରୀ କଲେଜର ଅଧ୍ୟକ୍ଷ ସରୋଜ ତ୍ରିପାଠୀ, ପ୍ରଦୀପ କୁମାର ମହାନ୍ତି, ମନୋରଞ୍ଜନ ଜୀଉ, ସୁନୀଲ କୁମାର ଜେନା, ଅମିତାଭ ଦାସ, ଚନ୍ଦନ ସେଜପଡ଼ା, ବିପ୍ଳବ ନାୟକ ଓ ସଞ୍ଜୀବ ତନ୍ତୀ ଅଂଶ ଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ସହଦେବ ସମାଧିଆ ଅତିଥି ପରିଚୟ ପ୍ରଦାନ ଓ ବିଶ୍ୱବିଦ୍ୟାଳୟ ବିତ୍ତ ନିୟନ୍ତ୍ରକ ସୁକଦେବ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସରକାରୀ ଯୋଜନାକୁ ଠିକ୍ ଉପାୟରେ କାର୍ଯ୍ୟକାରୀ କର'

**ବନ୍ତ,୨୫ା୧୧(ଡି.ଏନ.ଏ.)**


ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

ଭଦ୍ରକ ଜିଲା ବନ୍ତ ପଞ୍ଚାୟତ ସମିତିର ୭ମ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ବିଡିଓ ଶୁଭଦର୍ଶନ ମିଶ୍ର, ତହସିଲଦାର ଅଙ୍କିତା ବାରିକ, ଉପାଧ୍ୟକ୍ଷା ମଞ୍ଜୁଲତା ଜେନା, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ସିଡିପିଓ ରେଣୁବାଳା ଦାଶ, ସହକାରୀ ଯନ୍ତ୍ରୀ ଜୟଦେବ ପାତ୍ର, ବ୍ଲକ କୃଷି ଅଧିକାରୀ ଅନିରୁଦ୍ଧ ବେହେରା, ପ୍ରକଳ୍ପ ସଂଯୋଜକ ଚିରଞ୍ଜୀବ ଦାସ, ଯୋଗାଣ ଅଧିକାରୀ ଅଶୋକ ବେହେରା, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ନିଶାକର ଖୁଣ୍ଟିଆ, ଜିପିଇଓ ଜମାଦାର ମୁଣ୍ଡା, ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁରେଶ ଚନ୍ଦ୍ର ପ୍ରଧାନ, ସହକାରୀ ପ୍ରାଣୀ ଚିକିତ୍ସକ କମଳ ଲୋଚନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅଧିକାରୀ ଓ କର୍ମଚାରୀମାନେ କାଗଜ କଲମରେ ସୀମିତ ନ ରହି କ୍ଷେତ୍ର ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିବାକୁ ଏମ୍‌ପି ମଣ୍ଡଳ ପରାମର୍ଶ ଦେଇଥିଲେ। ସରକାରୀ ଯୋଜନାକୁ ଠିକ୍ ଉପାୟରେ କାର୍ଯ୍ୟକାରୀ କରିବା ଉପରେ ବିଧାୟକ ସାମଲ ପରାମର୍ଶ ଦେଇଥିଲେ।

କୃଷକମାନଙ୍କର ନାନାଦି ସମସ୍ୟା ଥିବାବେଳେ କୃଷି ବିଭାଗ ଅଣଦେଖା କରୁଥିବା କହି ଜିଲା ପରିଷଦ ସଭ୍ୟା ରେବତୀ ନାୟକ କ୍ଷୋଭ ପ୍ରକାଶ କରିଥିଲେ। ବୈଠକରେ ରାଜସ୍ୱ, ଉଦ୍ୟାନ, ଶିକ୍ଷା ବିଭାଗର ଅଧିକାରୀଙ୍କ ଅନୁପସ୍ଥିତି ନେଇ କ୍ଷୋଭ ପ୍ରକାଶ କରିଥିଲେ ସମିତିସଭ୍ୟ ରମେଶ ପହି। ଧାନ କିଣାରେ ସ୍ୱଚ୍ଛତା ଆଣିବା, ଆର୍‌ଏସ୍ ପୋର୍ଟାଲ ଓ ପିଏମ୍‌ଏୱାଇ ଯୋଜନାରେ ଅନିୟମିତତା ହୋଇଥିବା ନେଇ ଗୋବିନ୍ଦପୁର ସମିତିସଭ୍ୟ ରବୀନ୍ଦ୍ର ଧଳ ଅଭିଯୋଗ ଆଣିଥିଲେ। ପଧାନପଡ଼ା ସେବା ସମବାୟ ସମିତି ଅଧୀନରେ ଥିବା ପ୍ରତ୍ୟେକ ପଞ୍ଚାୟତର ଦାୟିତ୍ୱ ମହିଳା ମହାସଂଘକୁ ଦେବା, ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷକ ସାଥୀଙ୍କ କାର୍ଯ୍ୟଧାରା, ବ୍ଲକ କୃଷି ଅଧିକାରୀ ବ୍ଲକ ଅଫିସ ଆସୁ ନ ଥିବା ନେଇ ନିଳୋକ ସରପଞ୍ଚ ଅଶୋକ ମହାନ୍ତି ଅଭିଯୋଗ କରିଥିଲେ। ବ୍ଲକର ଅଧିକାଂଶ ଚାଷଜମି ଶାଳପଡ଼ା ଜଳସେଚନ ଡିଭିଜନ ଅଧୀନରେ ଥିବାରୁ ଉକ୍ତ ବିଭାଗର ଅଧିକାରୀ ଆସନ୍ତା ସମିତି ବୈଠକୁ ଆସିବା ପାଇଁ ଜିଲାପରିଷଦ ସଭ୍ୟ ପ୍ରଶାନ୍ତ ଦାଶ ଦାବି କରିଥିଲେ। ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

## ପୋଖରୀରେ ବୁଡ଼ି ଯୁବକଙ୍କ ଜୀବନ ଗଲା

ବେତନଟୀ,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଏସ୍ଏସ୍ ମହୁଲିଆର କେରକସାହି ପୋଖରୀରେ ବୁଡ଼ି ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଲ୍ଲୀପ ମୁର୍ମୁ। ପୋଖରୀକୁ ଗାଧୋଇବାକୁ ଯାଇ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ତାଙ୍କୁ ପାଣିରୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଢେଙ୍କିକୋଟ ଭଲି କ୍ଲବର ନୂତନ କର୍ମକର୍ତ୍ତା

ଢେଙ୍କିକୋଟ, ୨୫।୧୧(ଡି.ଏନ.ଏ.): କେନ୍ଦୁଝର ଜିଲା ଢେଙ୍କିକୋଟ ଭଲି କ୍ଲବର ନୂତନ କର୍ମକର୍ତ୍ତା ଚୟନ ଗୁରୁବାର ଭଲି ପଡିଆ ଠାରେ ହୋଇଯାଇଛି। ଏଥି ନିମନ୍ତେ କ୍ଲବର ପୂର୍ବତନ ସଭାପତି କାହ୍ନୁ ଚରଣ ସାମଲଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାକୁ କ୍ଲବର ସକ୍ରିୟ ସଦସ୍ୟ ନୀଳମଣି ମଣ୍ଡଳ, ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିବାବେଳେ ୨୦୨୨ ଜାନୁୟାରୀ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଭଲି ଟୁର୍ନାମେଣ୍ଟ କିପରି ଶାନ୍ତି ଶୃଙ୍ଖଳାର ସହ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସର୍ବ ସମ୍ମତି କ୍ରମେ ଚଳିତ ବର୍ଷ ସଭାପତି ଭାବେ ଦିଗାମ୍ବର ନାୟକ, ଉପସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ଭାବେ ନିର୍ମଳଚନ୍ଦ୍ର ମହାନ୍ତ, ସହ ସମ୍ପାଦକ ନୀଳମଣି ମଣ୍ଡଳ, କୋଷାଧକ୍ଷ ଆଶୁତୋଷ ମଣ୍ଡଳ ହୋଇଥିବାବେଳେ ଉପଦେଷ୍ଟା ମଣ୍ଡଳିରେ କାହ୍ନୁ ଚରଣ ସାମଲ, ପ୍ରଦୀପ କୁମାର ଦାସ, ବିଜୟ କୁମାର ସାହୁ, ଯୋଗେଶ୍ୱର ମାଝୀ ପ୍ରମୁଖଙ୍କୁ ଚୟନ କରାଯାଇଛି।

### କଳାବ୍ୟାଜ୍ ପିନ୍ଧି କାମ କଲେ ସମବାୟ ସମିତି କର୍ମଚାରୀ

ପଦ୍ମପୁର,୨୫।୧୧ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ୨୨ଟି ସେବା ସମବାୟ ସମିତିର ୭୦ରୁ ଉର୍ଦ୍ଧ୍ୱ କର୍ମଚାରୀ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି। ଚୂଡ଼ାମଣି ସେବା ସମବାୟ ସମିତି ସମ୍ପାଦକ ଓ ବାଲିମେଦ ସମିତିର ଡାଟାଏଣ୍ଟ୍ରି ଅପରେଟରଙ୍କୁ ନିଲମ୍ବନ ସହ ୫ ସମିତି ସମ୍ପାଦକଙ୍କୁ ବିଭାଗୀୟ କର୍ତ୍ତୃପକ୍ଷ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ସେବା ସମବାୟ ସମିତିର କର୍ମଚାରୀମାନେ ସମୂହ ପ୍ରତିବାଦ ଜଣାଇ କଳାବ୍ୟାଜ୍ ପରିଧାନ କରିଛନ୍ତି। ଆସନ୍ତା ଡିସେମ୍ବର ୨ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ ଏହାର ପୁନର୍ବିଚାର ନ କଲେ ସେମାନେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମାଟିପକା ସମିତି ସମ୍ପାଦକ ଧର୍ମନାରାୟଣ ଜେନା, ପଦ୍ମପୁର, ସୁଗୋ, ଏଡ଼ତାଳର ସମ୍ପାଦକ ଅନିରୁଦ୍ଧ ନାୟକ, ବାସୁଦେବପୁର ମା' କାଳୀ ସମିତିର ସମ୍ପାଦକ ତନ୍ମୟ କୁମାର ମଲ୍ଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଡିସେମ୍ବର ୨୭ରୁ ଧାନ କିଣା ଆରମ୍ଭ ହେବାକୁ ଥିବାବେଳେ ସମିତି ସମୂହର କର୍ମଚାରୀମାନଙ୍କ ଏହି ପଦକ୍ଷେପ ବ୍ଲକର ଚାଷୀମାନଙ୍କ ପାଇଁ ସମସ୍ୟା ପାଲଟିବ। ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ସମାଧାନ କରାଇବାକୁ ସାଧାରଣରେ ଦାବି ହେଉଛି।

### ୪ ମଦ ବେପାରୀ ଗିରଫ

ଆନନ୍ଦପୁର,୨୫। ୧୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ଅବକାରୀ ବିଭାଗର ନିର୍ଦ୍ଦେଶକ୍ରମେ ଆନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଘସିପୁରା ଥାନା ଅଧିନ ନାହାଗୁଣା, କୋଳିମାଟି, ଦରଖଳା, ଅଁଳାପାଳ ଆଦି ସ୍ଥାନରେ ଚଢ଼ାଉ କରାଯାଇ ୩୮ ଲିଟର ଦେଶୀ ମଦ ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ନାହାଗୁଣାର ରଇବାରୀ ପାତ୍ର, ଦରଖଳାର ଚଗଲା ମୁଣ୍ଡା, ବାଇଧର ମୁଣ୍ଡା ଓ ଅଁଳାପାଳର ଫୁଲ ହାଂସଦା।

# ପରିକଳ୍ପନାର ବାସ୍ତବ ରୂପକାର

**ବିଭୁ ପ୍ରସାଦ ବେହେରା**
**ଭଦ୍ରକ ଅଫିସ, ୨୫।୧୧**

ସ୍ୱାବଲମ୍ବୀ ହେବେ ଏବଂ ଆଉ କେତେଜଣଙ୍କୁ ସ୍ୱରୋଜଗାରକ୍ଷମ ହେବାର ବାଟ ଦେଖାଇବେ, ଏହି ସ୍ୱପ୍ନ ଦେଖିଥିଲେ ସେ। ଉଚ୍ଚ ଶିକ୍ଷା ପରେ ନିଜର ପରିକଳ୍ପନାକୁ ବାସ୍ତବ ରୂପ ଦେବା ଲାଗି ଆରମ୍ଭ କରିଥିଲେ ଅଭିଯାନ। ମାତ୍ର ବର୍ଷ କେତୋଟି ମଧ୍ୟରେ ନିଜର ସ୍ୱପ୍ନକୁ ସାକାର କରିବାରେ ସେ ହୋଇଛନ୍ତି ସଫଳ। ଆଉ କୃଷି ହିଁ ଦେଇଛି ତାଙ୍କୁ ନୂଆ ପରିଚୟ। ଜୈବିକ ପଦ୍ଧତି ସାଙ୍ଗକୁ ବୁନ୍ଦା ଜଳସେଚନ ଜରିଆରେ ବିଭିନ୍ନ ଫଳ ଓ ପନିପରିବା ଚାଷ କରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଚାଷ ସହିତ ଟ୍ୟୁଶନ କରି ସ୍ୱାବଲମ୍ବୀ ହେବା ସହ ସଫଳ ଚାଷୀ ଭାବେ ନିଜର ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଚଣ୍ଡିଗାଁପଲ୍ଲୀ ଗାଁର ନରେନ୍ଦ୍ର ସେନାପତି।

ଏକ ଲେମ୍ବୁଚାରା ହିଁ ତାଙ୍କ ପରିକଳ୍ପନାକୁ ସାକାର କରିବାରେ ସହାୟକ ହୋଇଥିବା କୁହନ୍ତି ନରେନ୍ଦ୍ର।


କଦଳୀ ବଗିଚା ସାମ୍ନାରେ ନରେନ୍ଦ୍ର ସେନାପତି।

ଉଚ୍ଚଶିକ୍ଷା ପରେ ସେ ନିଜ ଜୀବନର ଗତିପଥ ଖୋଜିଥିଲେ। ଚାକିରି ପଛରେ ନ ଧାଇଁ ଆତ୍ମନିର୍ଭରଶୀଳ ହେବା ଲକ୍ଷ୍ୟ ରଖି ନିଜସ୍ୱ ୪ ଏକର ଜାଗାରେ ପ୍ରଥମେ ଆରମ୍ଭ କରିଥିଲେ ଚାଷ। ପ୍ରଥମେ ୯୦ ଟଙ୍କା ଦେଇ ଭଦ୍ରକ ବଜାରରୁ ଲେମ୍ବୁ ଗଛଟିଏ କିଣି ଆଣିଥିଲେ। ଏହି ଗଛ ଲଗାଇବା ସହ ପରିବା ଚାଷ ବି ଆରମ୍ଭ କରିଥିଲେ। ପର୍ଯ୍ୟାୟକ୍ରମେ ଗୋଟିଏ ଲେମ୍ବୁଗଛରୁ ସେ କଲମି କରି ୪ଶହ ଲେମ୍ବୁ ଗଛ ଲଗାଇଥିଲେ। ଏଥିପାଇଁ ସେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାକୁ ଆସିଥିଲେ। ବର୍ଷକୁ ଲେମ୍ବୁ ଗଛ କଲମି କରି ପ୍ରାୟ ୫୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରୁଛନ୍ତି। ଏଥିସହ ସେ ଲେମ୍ବୁ ବିକ୍ରି କରି ବର୍ଷକୁ ପ୍ରାୟ ୧ ଲକ୍ଷ ୩୦ ହଜାର ଟଙ୍କା ରୋଜଗାର କରିବାରେ ସକ୍ଷମ ହୋଇଛନ୍ତି। ତେବେ ଲେମ୍ବୁ ଚାଷ ହିଁ ଅନ୍ୟ ଚାଷ କରିବା ପାଇଁ ତାଙ୍କୁ ପ୍ରେରଣା ଯୋଗାଇଥିଲା। ପରେ ସେ କଦଳୀ, ପୋଟଳ, ବାଇଗଣ, ସାରୁ, ମାଟିଆଳୁ, ଗଜେନ୍ଦ୍ର ଓଲୁଅ, ଭେଣ୍ଡି, କଲରା, କାକୁଡ଼ି

### ୯୦ ଟଙ୍କାରୁ ଲକ୍ଷପତି

ଆଦି ଋତୁଭିତ୍ତିକ ପରିବା ଚାଷ ଆରମ୍ଭ କରିଥିଲେ। ୪ ଏକର ଚାଷ ଜମି ପାଇଁ ସେ ବୁନ୍ଦା ଜଳସେଚନ ବ୍ୟବସ୍ଥା କରିଛନ୍ତି। ତାଙ୍କ ୩ ଭାଇ ଏଥିରେ ସାହାଯ୍ୟ କରିଥାନ୍ତି। ବର୍ଷ ସାରା ଚାଷ ହେଉଥିବାରୁ ପ୍ରାୟ ୧୦ ଜଣ ଶ୍ରମିକଙ୍କୁ ମାସିକିଆ ବେତନରେ କାମରେ ଲଗାଇଛନ୍ତି। ଚାଷ ବ୍ୟତୀତ ଘର ପାଖରେ ସକାଳ ଓ ସନ୍ଧ୍ୟାରେ ଦୁଇଘଣ୍ଟା ଲେଖାଏ ପିଲାଙ୍କୁ ଟ୍ୟୁଶନ କରି ବେଶ୍ ଦୁଇ ପଇସା ରୋଜଗାର କରୁଥିବା ସେ କୁହନ୍ତି।

୩ ବର୍ଷ ତଳେ କୃଷିମନ୍ତ୍ରୀଙ୍କଠାରୁ ଜଣେ ସଫଳ ଚାଷୀ ଭାବେ ପୁରସ୍କାର ପାଇବା ତାଙ୍କୁ ଉତ୍ସାହିତ କରିଥିଲା। ତେବେ ସରକାରୀ ସ୍ତରରେ ହେଉଥିବା ଗ୍ରୀନ୍ ହାଉସଗୁଡ଼ିକରେ ଖର୍ଚ୍ଚ ତୁଳନାରେ ଉପଯୁକ୍ତ ଲାଭ ହେଉ ନ ଥିବାରୁ ସେ ଭବିଷ୍ୟତରେ ନିଜସ୍ୱ ଜ୍ଞାନ କୌଶଳରେ ଗ୍ରୀନ୍ ହାଉସ ତିଆରି କରିବାକୁ ଲକ୍ଷ୍ୟ ରଖିଥିବା ନରେନ୍ଦ୍ର କହିଛନ୍ତି।

# ବାଂଶପାଳରେ ଜବରଦଖଲ ଉଚ୍ଛେଦ



**କେନ୍ଦୁଝର, ୨୫।୧୧ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାଂଶପାଳ ତହସିଲ ଅଞ୍ଚଳରେ ସରକାରୀ ଜମି ଜବରଦଖଲ ମୁଖ୍ୟ ସମସ୍ୟା ହୋଇଛି । ବହୁ ପ୍ରଭାବଶାଳୀ ଲୋକ ମୂଲ୍ୟବାନ ଜମି ମାଡି ବସିଥିବା ବେଳେ ବହୁ ଆଦିବାସୀ ଗରିବ ଲୋକ ଜମିହୀନ ହୋଇ ଏଣେ ତେଣେ ମୁଣ୍ଡ ଗୋଞ୍ଜି ରହିଛନ୍ତି । ଅନେକ ଜମିହୀନ ସରକାରଙ୍କ ଯୋଜନାରେ ଘର ଡିହ ପାଇ ପାରୁ ନ ଥିବାରୁ ଘର ନିର୍ମାଣ କିମ୍ବା ଆବାସ ଯୋଜନାରେ ଘର ପାଇ ପାରୁ ନାହାନ୍ତି। ଏନେଇ ବାରମ୍ବାର ଅଭିଯୋଗେ ପରେ ଉଚ୍ଛେଦ ନେଇ ପଦକ୍ଷେପ ନିଆଯାଉ ନ ଥିବା ବେଳେ ତହସିଲ ପକ୍ଷରୁ ଆକ୍ସନ ମୁଡରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଗତ ଗୁରୁବାର ଶୁଆକାଟି ଖଣି ଅଞ୍ଚଳରେ ସରକାରୀ ଜମିରେ ନିର୍ମାଣ ହୋଇଥିବା ଏକ ବେଆଇନ କୋଠା ଘରକୁ ବୁଲଡୋଜର ଲଗାଇ ଭାଙ୍ଗି ଦିଆଯାଇଥିବା ବେଳେ ଗୁରୁବାର କୁଶକଳା ଗ୍ରାମରେ ବେଆଇନ ଭାବେ ନିର୍ମାଣ ହୋଇଥିବା କୁକୁଡା ଫାର୍ମ ଘରକୁ ଭଙ୍ଗାଯାଇଥିବା ଜଣାପଡିଛି। ଏହାକୁ ନେଇ ଉକ୍ତ ଅଞ୍ଚଳରେ ବେଆଇନ ସରକାରୀ ଜମି ଜବରଦଖଲ କରି କୋଠାବାଡି ନିର୍ମାଣ କରୁଥିବା ଲୋକେ ଭୟଭୀତ ହୋଇ ପଡିଛନ୍ତି। ତେବେ ଆଦିବାସୀ ଅଧ୍ୟୁଷିତ ବାଂଶପାଳ ତହସିଲ ମୁଖ୍ୟାଳୟ ତଥା ଶୁଆକାଟି ଖଣି ଅଞ୍ଚଳରେ ବହୁ ବର୍ଷ ଧରି ଅନେକ ବେଆଇନ ନିର୍ମାଣ କରାଯାଇଥିଲେ ହେଁ ତହସିଲ ପକ୍ଷରୁ ଭଙ୍ଗା ଯାଇ ଉଚ୍ଛେଦ କରାଯାଉ ନ ଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। କୁଶକଳା ଗ୍ରାମରେ ହାଇକୋର୍ଟ ରେ ରହିତାଦେଶ ସତ୍ତ୍ୱେ ଘର ଭଙ୍ଗାଯାଇଥିବା ଏବଂ ଶୁଆକାଟିରେ ନିଜସ୍ୱ ପଟା ଜମିରେ ନିର୍ମାଣ ଘରକୁ ଭଙ୍ଗାଯାଇଥିବା ନେଇ ଅଭିଯୋଗ ହେଉଛି । ତେବେ ଏନେଇ ବାଂଶପାଳ ତହସିଲଦାର ସପନ କୁମାର ସାହୁ କହିଛନ୍ତି, ସରକାରୀ ଜମିରେ ନିର୍ମାଣ ଘରକୁ ସରକାରୀ ନିୟମାନୁଯାୟୀ ଉଚ୍ଛେଦ କରାଯାଉଛି ଏବଂ ଏହା ଜାରି ରହିବ । ଉପଜିଲାପାଳଙ୍କ କୋର୍ଟ ଆଦେଶରେ ଭଙ୍ଗାଯାଇଛି।

# ଆନ୍ତଃ ରାଜ୍ୟ ଖଣିଜ ଚୋର ଗିରଫ

**ଯୋଡ଼ା,୨୫।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ପଲସା ଘାଟିରୁ ଚଞ୍ଚକତା କରି ଟ୍ରକ୍‌ରେ ଲୁହାପଥର ଚାଲାଣ ବେଳେ ଓଡ଼ିଶା ଡିଷ୍ଟ୍ରିକ୍ଟ ଲେଭେଲ ଟାସ୍କ ଫୋର୍ସ (ଓଡିଏଲଟିଏଫ୍) ଚଢ଼ାଉ କରି ୨ଟି ଟ୍ରକ୍ ଜବତ ସହ ୨ ଆନ୍ତଃ ରାଜ୍ୟ ଚୋରଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଟ୍ରକ୍‌ରେ ଲୁହାପଥର ବୋଝେଇ କରି ପଶ୍ଚିମବଙ୍ଗ ରାଜ୍ୟର ଦୁର୍ଗାପୁର ଅଞ୍ଚଳକୁ ନକଲି ଟ୍ରାଞ୍ଜିଟ ପାସ୍ ଜରିଆରେ ଚୋରା ଚାଲାଣ କରାଯାଉଥିଲା। ଖବରପାଇ ବାମେବାରି ପୋଲିସ ଏବଂ ଓଡିଏଲଟିଏଫ୍ ଟିମ୍ ଚଢ଼ାଉ କରିଥିଲା। ପ୍ରାୟ ୮୦

### ୨ ଟ୍ରକ୍ ଜବତ

ମେଟ୍ରିକ ଟନ୍ ଲୁହାପଥର ସେଠାରୁ ଜବତ ହୋଇଥିବା ସବ୍ ଇନ୍ସପେକ୍ଟର ବିଶ୍ୱଜିତ୍ ବେହେରା କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଝୁମ୍ପୁରା ଓ ଝାଡ଼ଖଣ୍ଡ ଅଞ୍ଚଳର ଏସ୍.କେ. ନୌସାଦ ଏବଂ ଏମ୍.ଡି ସଲିମ ଆନସାରୀ। ଏନେଇ ପୋଲିସ ମାମଲା (ନଂ.୧୬୪/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ଖଣିଜ ଚୋରା କାରବାର ରୋକିବା ପାଇଁ ଆଇଥ୍ରୀଏମ୍ଏସ୍ ଭଳି ପ୍ରଯୁକ୍ତିବିଦ୍ୟା ଥିଲେ ମଧ୍ୟ ଯୋଡ଼ା ଖଣି ଯୁଗ୍ମ ନିର୍ଦ୍ଦେଶାଳୟ ରୋକିପାରୁ ନାହିଁ। ଗାଡ଼ିରେ ଟ୍ରାଞ୍ଜିଟ ପାସ୍ ସହ ଆଇଥ୍ରୀଏମ୍ଏସ୍ ଓ ଜିପିଏସ୍ ଯନ୍ତ୍ର ମିଳିତ ସଂଯୋଗ ହୋଇଥିଲେ ହେଁ କିପରି ନକଲି ଟ୍ରାଞ୍ଜିଟ ପାସ୍ ହୋଇପାରିଲା ଏହା ଖଣି ବିଭାଗର କାର୍ଯ୍ୟଦକ୍ଷତା ଉପରେ ସନ୍ଦେହ ସୃଷ୍ଟି କରୁଛି। ଏ ସମ୍ପର୍କରେ ଯୋଡ଼ା ଖଣି ଯୁଗ୍ମ ନିର୍ଦ୍ଦେଶକ ସଲିଲ ବେହେରା ପ୍ରତିକ୍ରିୟା ଦେବା ପାଇଁ ମନା କରିଦେଇଛନ୍ତି। ବିଭାଗୀୟ ଅନୁଶାସନ ଅଭାବରୁ ଖଣିଜ ଚୋରମାନେ ମେଶିନ ଲଗାଇ ରୀତିମତ ଖଣିଜ ଉତ୍ତୋଳନ କରି ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ରାଜ୍ୟକୁ ଚୋରା ପରିବହନ କରୁଛନ୍ତି। ଜଣେ ସରକାରୀ ଖଣି ନିରୀକ୍ଷକ ନାମ ଗୋପନ ରଖି ଗତ ଏକ ବର୍ଷ ମଧ୍ୟରେ ୨ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଚୋରା ଖଣିଜ କାରବାର ହୋଇଥିବା କହିଛନ୍ତି।

# ଧାନଘେରା ସୁପରକିଙ୍ଗସ ଟିମ୍ ବିଜୟୀ

### କେପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ

**ଖୁଣ୍ଟା,୨୫।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ ହାଇସ୍କୁଲ ଖେଳ ପଡ଼ିଆରେ ଖୁଣ୍ଟା ପ୍ରିମିୟର ଲିଗ୍ (କେପିଏଲ)ର ୭ମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ନବ କିଶୋର ଜେନାଙ୍କ ତାରିଣୀ ଫାଇଟରକୁ ହରାଇ ଧାନଘେରା ସୁପର କିଙ୍ଗସ୍ ବିଜୟୀ ହୋଇଥିଲା। ତାରିଣୀ ଫାଇଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮୨ ସଂଗ୍ରହ କରିଥିଲା। ଜବାବରେ ସୁପର କିଙ୍ଗସ ୧୪.୫ ଓଭରରେ ୪ ୱିକେଟ ବିନିମୟରେ ବିଜୟ ହାସଲ କରିଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସିଦ୍ଧନାଥ ସୋରେନ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କେପିଏଲର ପ୍ରଯୋଜକ ଗିରି ଆଣ୍ଡ ସନ୍ସ ଡ୍ରେସେସର ମୁଖ୍ୟ ମନୋରଞ୍ଜନ ମହାନ୍ତିଙ୍କ ସମେତ ଫ୍ରାଞ୍ଚାଇଜ ଟିମ୍‌ର ମାଲିକ, ଆୟୋଜକ, ସଦସ୍ୟ ବିଶ୍ୱ ରଞ୍ଜନ ବାରିକ, ବିକାଶ ପଣ୍ଡା, ଅଙ୍କଜ ମହାପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ବିଜେଡିକୁ ଫେରିଲେ ପୂର୍ବତନ ବିଧାୟକ, ସରପଞ୍ଚ



ବିଜେଡିରେ ମିଶିଥିବା ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ଜେନା ଓ ସରପଞ୍ଚ ଆନନ୍ଦ ଚନ୍ଦ୍ର ଓଝାଙ୍କୁ ସ୍ୱାଗତ କରାଯାଉଛି।

**ବନ୍ତ,୨୫।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ବିଜେଡି ପକ୍ଷରୁ ଗୁରୁବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଣ୍ଡାରିପୋଖରୀର ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ଜେନା ଓ ବସନ୍ତିଆ ସରପଞ୍ଚ ଆନନ୍ଦ ଚନ୍ଦ୍ର ଓଝା ନିଜ ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି। ରାଜ୍ୟ ବିଜେଡି ସମ୍ପାଦକ ଇଂ. ପ୍ରୟାସକାନ୍ତି ସାମଲଙ୍କ ତତ୍ତ୍ୱାବଧାନରେ ବନ୍ତ ପୁରୁଣାବଜାରସ୍ଥିତ ବିଜେଡି କାର୍ଯ୍ୟାଳୟରେ ବ୍ଲକ ସଭାପତି କମଳାକାନ୍ତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗ ଦେଇଥିଲେ। ବିଜେଡିକୁ ଫେରି ଆସିଥିବା ଦୁଇ ନେତାଙ୍କୁ ସ୍ୱାଗତ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ଜେନା, ଜିଲା ପରିଷଦ ସଭ୍ୟା ରେବତୀ ନାୟକ, ରବୀନ୍ଦ୍ର ଦାସ, ପ୍ରଶାନ୍ତ ଦାଶ, ସୁଧାଂଶୁ ନାୟକ, ନିହାରିକା ରାଉତ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା, ଭୀମସେନ ସାମଲ, କୃପାସିନ୍ଧୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିପିନ ନାୟକ, ସମୀମ ନୱାଜ୍, ନବ କିଶୋର ଜେନା, ଆଲୋକ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ


ଜିଲାପାଳ ଆଶିଷ ଠାକ୍‌ରେ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

**ଚମ୍ପୁଆ,୨୫।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ କେନ୍ଦୁଝର ଜିଲାପାଳ ଆଶିଷ ଠାକରେ ଗୁରୁବାର ପରିଦର୍ଶନ କରିବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଠାକ୍‌ରେ ଉପଖଣ୍ଡଚିକିତ୍ସାଳୟ ପରିସରରେ ଏନ୍‌ଆରସି ବିଭାଗ ବୁଲିବା ସହିତ ନବନିର୍ମିତ ମାତୃ ଓ ଶିଶୁ ଗୃହ ୧୫ ଦିନ ଭିତରେ ଆରମ୍ଭ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଏବଂ ଶବଗୃହର ଠିକ ଭାବେ କାର୍ଯ୍ୟକରିବା ସହିତ ଡାକ୍ତରଖାନାକୁ ନିର୍ମାଣ ହେବାକୁଥିବା ରାସ୍ତା ପାଇଁ ଆବଶ୍ୟକ ଅଟକଳ ତୁରନ୍ତ କରିବାକୁ ରୋଗୀ କଲ୍ୟାଣସମିତି ଚେୟାରମ୍ୟାନ ତଥା ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରତିମୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚମ୍ପୁଆ ମହତାବ ଉଚ୍ଚବିଦ୍ୟାଳୟ ପରିଦର୍ଶନ କରିବା ସହିତ ସ୍ମାର୍ଟ କ୍ଲାସ, ଡିଏମ୍ଏଫ ବିଲ୍ଡିଂ, ସାଇନ୍ସ ଲ୍ୟାବ ଦେଖିବା ସହିତ ସନ୍ତୋଷ ପ୍ରକାଶ କରିବାସହ ଉକ୍ତ ବିଦ୍ୟାଳୟ ପରିସରରେ ପ୍ରଥମଥର ସାଇନ୍ସ ପାର୍କ ନିର୍ମାଣ କରାଯିବ ବୋଲି ସୂଚନା ଦେଇଥିଲେ। ଏତଦ୍ବ୍ୟତୀତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଠାରେ ଅସ୍ଥାୟୀ ଭାବେ ଆରମ୍ଭ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ କରାଯାଇଥିବା ବ୍ୟବସ୍ଥାକୁ ତୁରନ୍ତ ୭ ଦିନ ଭିତରେ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେବାସହିତ କାଳିକାପ୍ରସାଦଠାରେ ପ୍ରସ୍ତାବିତ ସ୍ଥାନ ବୁଲିଦେଖିଥିଲେ।

# ମିଟର ରିଡର ସଂଘର ବିକ୍ଷୋଭ

**ଭଦ୍ରକ ଅଫିସ,୨୫।୧୧**

ଅଲ୍ ଓଡ଼ିଶା ମିଟର ରିଡର ଆସୋସିଏଶନର ସଭାପତି ସୁରେଶ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ମିଟର ରିଡର ଓ ବିଲ୍ କଲେକ୍ସନ କର୍ମଚାରୀ ମାନେ ୧୪ ଦଫା ଦାବି ନେଇ ଗୁରୁବାର ଭଦ୍ରକ ନର୍ଥ ଇଲେକ୍ଟ୍ରିକାଲ ଡିଭିଜନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମିଟର ରିଡରମାନଙ୍କୁ ପେଇସି ରେଟ୍ ହାରରେ ମଜୁରି ପରିବର୍ତ୍ତେ ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗର ଗେଜେଟ୍ ନୋଟିଫିକେଶନ ନଂ.୨୫୨/୨୦୦୭ ଅନୁଯାୟୀ କୁଶଳୀ ଶ୍ରମିକ ଭାବେ ଦରମା ପ୍ରଦାନ, ନିଯୁକ୍ତି ଦିନଠାରୁ ସର୍ବନିମ୍ନ ମଜୁରିରେ ବକେୟା ପ୍ରାପ୍ୟ ପ୍ରଦାନ ଆଦି ପ୍ରମୁଖ ଦାବି କରାଯାଇଛି। ଗୌତମ କୁମାର ବାରିକ, ଜୟପାନ ପାଢ଼ୀ, ରଣଜିତ ପତି, ମାୟାଧର ନାୟକ, ଅରବିନ୍ଦ ଦାସ, ସୁଶାନ୍ତ ସନ୍ଧିବିଗ୍ରହ, ବିଶ୍ୱନାଥ ମିଶ୍ର ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ। ଦାବିଗୁଡ଼ିକ ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଜଙ୍ଗଲ ଆଇନ ସଂଶୋଧନ ପ୍ରସ୍ତାବକୁ ବିରୋଧ



ବିରୋଧ ପ୍ରଦର୍ଶନ କରୁଥିବା ଜଙ୍ଗଲ ସୁରକ୍ଷା ମଞ୍ଚର ସଦସ୍ୟମାନେ।

**ବାରିପଦା ଅଫିସ,୨୫।୧୧**

କେନ୍ଦ୍ର ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ପକ୍ଷରୁ ଜଙ୍ଗଲ ସଂରକ୍ଷଣ ଆଇନରେ ସଂଶୋଧନ ଆଣିବା ଚିଠା ପ୍ରସ୍ତାବକୁ ମୟୂରଭଞ୍ଜ ଜିଲା ଜଙ୍ଗଲ ସୁରକ୍ଷା ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ମଞ୍ଚ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ମଞ୍ଚର ସଭାପତି ବିଷ୍ଣୁନାଥ ପୁର୍ତ୍ତିଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ପ୍ଲାକାର୍ଡ ଧରି ଜଙ୍ଗଲ ଜମିକୁ ସୁରକ୍ଷା ଯୋଗାଇଦେବା ସହିତ ସଂଶୋଧନ ପ୍ରସ୍ତାବକୁ ବିରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦାସମାତ ସୋରେନ, ବାଗ୍ରାୟ ଟୁଡୁ, ସୁକୁଲ ମୁର୍ମୁ, ଅର୍ଜ୍ଜୁନ ହାଁସଦା, ମୁରଲୀଧର ନାଏକ, ବିକାଶ ମହାନ୍ତ, ସାଲ ମାରାଣ୍ଡିଙ୍କ ସମେତ ବିଭିନ୍ନ ଜଙ୍ଗଲ ସୁରକ୍ଷା ସଙ୍ଗଠନର କର୍ମକର୍ତ୍ତାମାନେ ଏଥିରେ ସାମିଲ ଥିଲେ।

### ବନ ସଂରକ୍ଷଣ ସମିତିର ଗଣଧାରଣା

ଉଦଳା,୨୫।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ ନାବରା ରିଜର୍ଭ ଜଙ୍ଗଲର ସୁରକ୍ଷା ଏବଂ ପୁନରୁଦ୍ଧାର ଦାବିରେ ଗୁରୁବାର ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ୭ ଦଫା ଦାବି ନେଇ ନାବରା ବନସାଥୀ ବନ ସଂରକ୍ଷଣ ସମିତି ପକ୍ଷରୁ ଏହି ଗଣଧାରଣା ଦିଆଯାଇଥିଲା। ବନସାଥୀ ନରୋତ୍ତମ ଦାସଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଏଥିରେ ସାମିଲ ହୋଇଥିଲେ।

# ଡିସେମ୍ବର ୨୭ରୁ ମୟୂରଭଞ୍ଜରେ ଧାନକିଣା

**ବାରିପଦା ଅଫିସ,୨୫।୧୧**

■୫୨ ଲ୍ୟାମ୍ପସ୍ ଅଧୀନରେ ୧୦୧ ମଣ୍ଡି ଖୋଲିବ
■ପ୍ରଥମ ପର୍ଯ୍ୟାୟରେ ୧୪ ଲକ୍ଷ କୁଇଣ୍ଟାଲ କ୍ରୟ ଲକ୍ଷ୍ୟ

ମୟୂରଭଞ୍ଜ ଜିଲାରେ ଚଳିତ ବର୍ଷ ଖରିଫ୍ ଚାଷ ପାଇଁ ସରକାରୀ ସ୍ତରରେ ଆସନ୍ତା ଡିସେମ୍ବର ୨୭ରୁ ଧାନ କିଣା ଆରମ୍ଭ ହେବ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେନ୍ଦ୍ର ପାଢ଼ୀଙ୍କ ଆବାହକତ୍ୱରେ ବାରିପଦା ପ୍ରୟାସ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ଜିଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯଶିପୁର ବିଧାୟକ ଗଣେଶ ରାମସିଂ ଖୁଣ୍ଟିଆ, ପିଡି ଡିଆରଡିଏ ପି.ଅନ୍ୱେଷା ରେଡ୍ଡି, ୪ଟି ସବ୍‌ଡିଭିଜନର ଉପଜିଲାପାଳ, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧିଗଣ, ଜିଲା ସହକାରୀ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ଡିଆର୍‌ସିଏସ୍ ଦମୟନ୍ତୀ ସିଂ, ଜିଲା ମୁଖ୍ୟ କୃଷି ଅଧିକାରୀ ରବୀନ୍ଦ୍ର ନାଥ ଖଟୁଆ, ଆର୍‌ଏମ୍‌ସି ସମ୍ପାଦକ, ଜିଲା ଏସ୍‌ସିଓ, ମିଲର୍ସ ଓ ଚାଷୀଙ୍କ ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟ ଅଧିକାରୀମାନେ।

ଚଳିତ ବର୍ଷ ଜିଲାରୁ ୧୪ ମିଲରଙ୍କ ଜରିଆରେ ମୋଟ ୧୮ଲକ୍ଷ ୫୮ହଜାର ୭୯୯.୭୫ କୁଇଣ୍ଟାଲ ଧାନ କ୍ରୟ ନେଇ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୪ଲକ୍ଷ ୨୬ହଜାର ୪୭୦.୫୮ କୁଇଣ୍ଟାଲ ଧାନ କିଣା ହେବ। ଏ ନେଇ ଜିଲାର ୫୨ଟି ଲ୍ୟାମ୍ପସ୍ ଅଧୀନରେ ୧୦୧ଟି କେନ୍ଦ୍ର(ମଣ୍ଡି) ଖୋଲିବ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଜିଲାର ମୋଟ ୭୧ହଜାର ୯୭୦ ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ସେଥି ମଧ୍ୟରେ ୭୬୪ଜଣ ଭାଗ ଚାଷୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ୭୧ହଜାର ୮୭୭ଜଣଙ୍କର ତାଲିକା ବୈଧ ଥିବା ବେଳେ ୯୩ ଚାଷୀଙ୍କ ଆବଶ୍ୟକ ପ୍ରମାଣପତ୍ର ଭୁଲ ଥିବାରୁ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ଚଳିତ ବର୍ଷ ଜିଲାରେ ଅଧିକ ସଂଖ୍ୟକ ଚାଷୀ ନାମ ପଞ୍ଜୀକରଣ କରିଥିବା ସୂଚନା ମିଳିଛି। ମଣ୍ଡିରେ ଚାଷୀଙ୍କ ନିମନ୍ତେ ଆଶ୍ରୟସ୍ଥଳ, ପାନୀୟଜଳ ଓ ଶୌଚାଳୟର ସୁବନ୍ଦୋବସ୍ତ କରାଯିବ ବୋଲି ଜିଲାପାଳ କହିଛନ୍ତି। ଶିମିଳିପାଳ ଜୈବ ମଣ୍ଡଳ ଭିତରେ ରହୁଥିବା ଚାଷୀଙ୍କ ଧାନ କ୍ରୟ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଛି। ସୂଚନା ଥାଉକି, ଗତବର୍ଷ ଜିଲାର ୪୪ହଜାର ୨୮୧ ଚାଷୀ ୧୭ଲକ୍ଷ ୮୨ହଜାର ୬୬.୩୧କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ଚଳିତ ବର୍ଷ ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ମିଲରଙ୍କ ସଂଖ୍ୟାରେ ପରିବର୍ତ୍ତନ ହୋଇନି। ଫଳରେ ଧାନ କିଣାରେ ଅସୁବିଧାକୁ ଦେଖି ଅଧିକ ମିଲରଙ୍କୁ ସୁଯୋଗ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ହାଇମାଷ୍ଟ ଲାଇଟ୍ ଉଦ୍‌ଘାଟିତ

ଜଳେଶ୍ୱର, ୨୫।୧୧(ଡି.ଏନ୍.ଏ.)- ଜଳେଶ୍ୱର ବ୍ଲକର ୪ଟି ପଞ୍ଚାୟତର ୪ଟି ସ୍ଥାନରେ ହାଇମାଷ୍ଟ ଲାଇଟ୍‌କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଷଡଙ୍ଗୀ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏମ୍‌ପି ପାଣ୍ଠିରୁ ପ୍ରତ୍ୟେକ ଆଲୋକ ପାଇଁ ପ୍ରାୟ ୯୦ ହଜାର ଟଙ୍କା ବ୍ୟୟ ହୋଇଥିବା ଜଣାଯାଇଛି। ଶ୍ରୀରାମପୁର ପଞ୍ଚାୟତର ଗୁରୁଦାସପୁର ଛକ, ମହମ୍ମଦନଗରପାଟଣା ପଞ୍ଚାୟତର ଶେଖସରାଇ କମ୍ୟୁନିଟି ସେଣ୍ଟର ପାଖ, କୁଟସାହି ପଞ୍ଚାୟତର ଗୋବର୍ଦ୍ଧନପୁର ବାସୁଳୀମନ୍ଦିର ସମ୍ମୁଖ ଓ ଶିଖରପୁର ପଞ୍ଚାୟତର ବଜାରଶୋଳ ଶିବ ମନ୍ଦିର ନିକଟରେ ଏପରି ଉଜ୍ଜଳ ଆଲୋକ ବ୍ୟବସ୍ଥା କରାଯାଇଥିବାରୁ ସ୍ଥାନୀୟ ଜନସାଧାରଣ ଉତ୍‌ଫୁଲ୍ଲିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ସଭାପତି ଉମାକାନ୍ତ ମହାପାତ୍ର, ଏମ୍‌ପି ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ସୁଧୀର ଓଝା, ତନ୍ମୟ ଚାନ୍ଦ, ସରପଞ୍ଚ ଜୟନ୍ତୀ ମହାନ୍ତି, ସାମାଜିକ କର୍ମୀ ହରିପଦ ମାନ୍ନା, ବିନୋଦ ମହାନ୍ତି, ଚନ୍ଦ୍ରବିନ୍ଦୁ ଦାସ, ସୁବୋଧ ପଣ୍ଡା, ମଣ୍ଟୁ ତରୁଆଲ, ଅଶୋକ ରଥ, ଅଞ୍ଜନ ଦାସ, ରବୀନ୍ଦ୍ର ଦାସ, ବିଶ୍ୱରୂପ ଦାସ, ସରୋଜ ସେନାପତି, ସୌମିତ୍ର ସେନପତି, ସମବିତ ଦାସ, ମନୋରଞ୍ଜନ ନନ୍ଦି ଓ ଚନ୍ଦନ ଦେ ପ୍ରମୁଖ ଉପସ୍ଥିତ ଥିଲେ।

### ବିପିନ ମାରାଣ୍ଡି ଜିଲା ଭାଜପା ଏସ୍‌ଟି ମୋର୍ଚ୍ଚା ସଭାପତି

ବାଲେଶ୍ୱର ଅଫିସ, ୨୫।୧୧-ବାଲେଶ୍ୱର ଜିଲା ଭାଜପା ଏସ୍‌ଟି ମୋର୍ଚ୍ଚା ସଭାପତିଙ୍କ ନାମ ଘୋଷଣା କରିଛି। ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଅନୁମୋଦନକ୍ରମେ ଜିଲା ଏସ୍‌ଟି ମୋର୍ଚ୍ଚା ସଭାପତି ଭାବେ ୩୯ ନମ୍ବର ଜିଲା ପରିଷଦ ସଦସ୍ୟ ବିପିନ ମାରାଣ୍ଡିଙ୍କ ନାମ ଘୋଷଣା କରାଯାଇଛି। ମଙ୍ଗଳବାର ଜିଲା କାର୍ଯ୍ୟାଳୟରେ ଆୟୋଜିତ ଜିଲା ପଦାଧିକାରୀଙ୍କ ବୈଠକରେ ଏହି ଘୋଷଣା କରାଯାଇଥିଲା। ଦାୟିତ୍ୱ ପାଇବା ପରେ ମାରାଣ୍ଡି ଜିଲା ସଭାପତି ମହାପାତ୍ର ଓ ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### 'ଭୋଟର ହେଲ୍ପଲାଇନ ଆପ୍' ଆଲୋଚନାଚକ୍ର

ରୂପସା, ୨୫।୧୧(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ନୀଳମଣି ମହାବିଦ୍ୟାଳୟରେ ମଙ୍ଗଳବାର ଭୋଟର ହେଲ୍ପଲାଇନ ଆପ୍ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା ଭୋଟରଙ୍କ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବୋଲି ବକ୍ତବ୍ୟରେ କହିଥିଲେ। ପ୍ରଶାସନିକ ଅଧିକାରୀ ଡ. ତପନ କୁମାର ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡ. ପ୍ରସନ୍ନ କୁମାର ମନ୍ତ୍ରୀ, ଡ. ତପନ କୁମାର ଦାସ, ଡ. ଆରୁଣୀ ମିଶ୍ର, ଅଧ୍ୟାପିକା ପଦ୍ମିନୀ ନାୟକ ପ୍ରମୁଖ ଏହି ଆପ୍‌ର ଉପଯୋଗିତା ସମ୍ପର୍କରେ ଉପସ୍ଥାପନା କରିଥିଲେ। ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ନୀଳଗିରିରେ ଝାଡ଼ଖଣ୍ଡୀ ହାତୀପଲ

ସଜନାଗଡ଼, ୨୫।୧୧(ଡି.ଏନ.ଏ.)



ନୀଳଗିରିକୁ ପଶୁଛନ୍ତି ହାତୀପଲ।

ଗୁରୁବାର ଭୋରରୁ ଦଲମା ଜଙ୍ଗଲରୁ ୧୬ଟିକିଆ ହାତୀପଲ ଓଡ଼ିଶା ସୀମା ପାରି ହୋଇ ମୟୂରଭଞ୍ଜ ଜିଲା ନଡ଼ପୁର, ବୁଢ଼ାବଳଙ୍ଗ ନଦୀ ଦେଇ ନୀଳଗିରି ରେଞ୍ଜ ଅଧୀନ ପୁଦାଳ, କାଠପାଳ, ଦୁର୍ଗାଦେବୀ, ପାଟଣା, ଅଯୋଧ୍ୟା ରାସ୍ତା ଦେଇ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଛନ୍ତି। ଆସିବା ବାଟରେ ଧାନ ଫସଲ ନଷ୍ଟ କରିଛନ୍ତି। ହାତୀପଲ ମଧ୍ୟରେ ୫ ଦନ୍ତା ଥିବାବେଳେ ୪ ଛୁଆ ହାତୀ ଅଛନ୍ତି। ହାତୀପଲ ଆସିଥିବା ଖବରପାଇ ଗୋପାଳପୁର ଓ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱରେ ବନବିଭାଗ ପକ୍ଷରୁ ହାତୀଦାଉରୁ ସାଧାରଣ ଧନଜୀବନ ରକ୍ଷା ପାଇଁ ହୋଇଥିବା ସୋଲାର ଫ୍ୟାନ୍‌ସିଂ ଧ୍ୱଂସବିଧ୍ୱଂସ ହୋଇଯାଇଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏବେ ନୀଳଗିରି ଅଞ୍ଚଳରେ ଧାନକ୍ଷେତରେ ଧାନରୁ କିଛି ଥୋଡ଼ ବାହାରୁଥିବା ବେଳେ କିଛି ଧାନ ପାଚିଛି। ଆଉ ଅଧା ଧାନ ପାଚିବା ଅବସ୍ଥାରେ ରହିଛି। ତେବେ ହାତୀପଲ ନିୟନ୍ତ୍ରଣ କରି ଫସଲହାନିରୁ ଚାଷୀଙ୍କୁ ରକ୍ଷା କରିବା ପାଇଁ ବନାଞ୍ଚଳବାସୀ ଦାବି କରିଛନ୍ତି। ବନବିଭାଗ ପକ୍ଷରୁ ଡାକବାଜି ଦ୍ୱାରା ହାତୀ ଉପଦ୍ରବ ଅଞ୍ଚଳରେ ହାଣ୍ଡିଆ, ମହୁଲ, ମାଦକଦ୍ରବ୍ୟ ନ ରଖିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ହାତୀପଲ ଗତି ବିଧି ଉପରେ ନଜର ରଖିବାକୁ ନୀଳଗିରି ବନବିଭାଗ ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ଼, ସବୁଜବାହିନୀ ଉପସ୍ଥିତ ଅଛନ୍ତି। ଅନ୍ୟପକ୍ଷରେ ପଛରେ ଆଉ ଦୁଇଟି ହାତୀପଲ ନୀଳଗିରି ଆଡ଼କୁ ଆସୁଥିବା ସୂଚନା ମିଳିଛି। ଗୋଟିଏ ୧୬ଟିକିଆ ହାତୀପଲ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଅଞ୍ଚଳ ଓ ଅନ୍ୟଟି ୪୦ଟିକିଆ ହାତୀପଲ ଓଡିଶା ସୀମାନ୍ତ ନିକଟ ତପୋବନ ଅଞ୍ଚଳରେ ଥିବା ଜଣାପଡିଛି।

### ବନାଞ୍ଚଳବାସୀ ଆତଙ୍କିତ

# ରେଳଷ୍ଟେସନ ଭବନ ଭିତ୍ତିପ୍ରସ୍ତର ସ୍ଥାପନ




ମଞ୍ଚରେ ଉପସ୍ଥିତ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବିଧାୟକ ସ୍ୱରୂପ କୁମାର ଦାସ ଓ ଅନ୍ୟମାନେ।

ବାଲେଶ୍ୱର ଅଫିସ, ୨୫।୧୧

ଦକ୍ଷିଣପୂର୍ବ ରେଳପଥ ବାଲେଶ୍ୱରରେ ନୂତନ ରେଳଷ୍ଟେଶନ ଭବନର ଭିତ୍ତିପ୍ରସ୍ତର ଗୁରୁବାର ସ୍ଥାପନ ହୋଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ରେଳବାଇ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଏସ୍‌ଏମ୍ ମାହେଶ୍ୱରୀ, ମଣ୍ଡଳ ରେଳ ପ୍ରବନ୍ଧକ ଖଡ଼ଗପୁର ଏମ୍ ପ୍ରଧାନ ଯୋଗଦେଇ ବାଲେଶ୍ୱର ରେଳଷ୍ଟେଶନ ନବୀକରଣ ହେବା ଦ୍ୱାରା ଜିଲା ତଥା ଆଖପାଖ ରେଳଯାତ୍ରୀ ବହୁ ସୁବିଧା ଉପଲବ୍ଧ କରିପାରିବା ସହ ରେଳ ଭିତ୍ତିଭୂମି ସୁଦୃଢ଼ ହେଉଥିବା ପ୍ରକାଶ କରିଥିଲେ।

ବାଲେଶ୍ୱର ରେଳ ଷ୍ଟେଶନ ହେଉଛି ଏକ ଏ-ଗ୍ରେଡ୍ ଷ୍ଟେଶନ୍। ପ୍ରତିଦିନ ପ୍ରାୟ ୧୮ ହଜାର ଯାତ୍ରୀଙ୍କୁ ସେବା ଯୋଗାଇଥାଏ। ଏହା ରାଜ୍ୟର ଏକ ପ୍ରମୁଖ ଷ୍ଟେଶନ। ଯେଉଁଠାରେ ହାୱଡ଼ାରୁ ଚେନ୍ନାଇକୁ ଯାଉଥିବା ସମସ୍ତ ଟ୍ରେନ୍ ଏକ ନିର୍ଦ୍ଧାରିତ ରହଣି କରିଥାଏ। ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ, ଭୁବନେଶ୍ୱର-ନୂଆଦିଲ୍ଲୀ ଦୁରନ୍ତ ଏକ୍ସପ୍ରେସ ପରି ଅନେକ ଟ୍ରେନ ଏଠାରେ ରହଣି ରହିଛି। ଅନ୍ତୋଦୟ ଏକ୍ସପ୍ରେସ ଏବଂ ଅନ୍ୟାନ୍ୟ ଏସି ସୁପରଫାଷ୍ଟ ପରି ଅନ୍ୟ ଟ୍ରେନ୍, ମେଲ୍ ଟ୍ରେନ୍‌ଗୁଡିକ ଏହି ଷ୍ଟେଶନରେ ନିୟମିତ ଅଟକିଥାଏ। ଯଦିଓ ଏହି ଷ୍ଟେଶନରେ କିଛି ରାଜ୍ୟ ସହିତ ସଂଯୋଗର ଅଭାବ ରହିଛି କିନ୍ତୁ ଭୁବନେଶ୍ୱର, ଖଡ଼ଗପୁର ପ୍ରମୁଖ ଷ୍ଟେଶନରୁ ସହଜରେ ଟ୍ରେନ୍ ସଂଯୋଗ ହୋଇପାରିବ ଯାହା ବାଲେଶ୍ୱର ରେଳ ଷ୍ଟେଶନରୁ ବାରମ୍ବାର ସଂଯୋଗ ହୋଇଥାଏ। ବାଲେଶ୍ୱରରୁ ମୁମ୍ବାଇକୁ ସିଧାସଳଖ ଟ୍ରେନର ଦୀର୍ଘଦିନର ଚାହିଦା ଅଛି। ଆଧୁନିକ ସୁବିଧା ସହିତ ନୂତନ ଷ୍ଟେଶନ ବିଲଡିଂ ନିର୍ମାଣ ହେବ। ନୂତନ ଷ୍ଟେଶନ୍ ବିଲଡିଂରେ ସ୍କିମ୍ କ୍ଷେତ୍ର ଅନୁଯାୟୀ କିଚେନ୍, ଷ୍ଟେଶନ୍ ବିଲଡିଂ ପାର୍ସଲ୍, ଷ୍ଟୋର୍, କ୍ଲୋକରୁମ୍ ଏଆର୍‌ଏମ୍, ପ୍ରାଥମିକ ଚିକିତ୍ସା, ଜିଆର୍‌ପି ପୋଷ୍ଟ, ବିଶ୍ରାମ ଗୃହ ଓ ମୁକ୍ତ ଶୌଚାଳୟକୁ ନେଇ ଗଠିତ। ୨ଟି ପର୍ଯ୍ୟାୟରେ ବାଲେଶ୍ୱର ଷ୍ଟେଶନର ବିକାଶ ସହିତ ଷ୍ଟେଶନ ବିଲଡିଂ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ କେବଳ ଷ୍ଟେଶନ ବିଲଡିଂ ପାଇଁ ଆନୁମାନିକ ମୂଲ୍ୟ ୧୩ କୋଟିର ବଜେଟ୍ ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ଅତିରିକ୍ତ ଏଣ୍ଟ୍ରି ପ୍ଲାଟଫର୍ମ, ଏଫ୍‌ଓବି, ସର୍କୁଲାର୍ ଏରିଆ, ଷ୍ଟେଶନରେ ଅତ୍ୟାବଶ୍ୟକ ସୁବିଧା ଆଦି ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଅନ୍ୟ ୧୭ କୋଟି ଖର୍ଚ୍ଚ ଯୋଜନା କରାଯାଇଥିବା ଜଣାପଡ଼ିଛି।

# ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ

ଭୋଗରାଇ, ୨୫।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ପଞ୍ଚାୟତ ସମିତିର ନବମ ତଥା ଶେଷଥର ବୈଠକ ହଟ୍ଟଗୋଳ ମଧ୍ୟରେ ଶେଷ ହୋଇଛି। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା ସଭାପତିତ୍ୱ କରିଥିଲେ। ବ୍ଲକ ପଞ୍ଚାୟତ ଅଧିକାରୀ ପୂର୍ବ ବୈଠକ ବିବରଣୀ ପାଠ ପରେ ସଭାଗୃହରେ ବିଭିନ୍ନ ଉନ୍ନୟନ ଯୋଜନା ବିଷୟରେ ଆଲୋଚନା କରିଥିଲେ। କଂଗ୍ରେସ ସମିତି ସଦସ୍ୟ ସନ୍ତୋଷ କୁମାର ଜେନା ବିଗତ ୫ବର୍ଷ ଧରି ଶାସକ ଦଳର ନେତା ଓ କର୍ମୀମାନେ ଭୋଗରାଇର ଉନ୍ନୟନ ଯୋଜନାକୁ ବାଟମାରଣା କରିଛନ୍ତି କହିବା ସହିତ ବିରୋଧୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ପ୍ରଶାସନ ଖର୍ବ କରିଛି ବୋଲି କହିଥିଲେ। ଏହାକୁ ନେଇ ଶାସକ ବିଜେଡି ଓ ବିରୋଧୀ କଂଗ୍ରେସ ମଧ୍ୟରେ କଥା କଟାକଟି ହୋଇଥିଲା। ସମିତି ସଦସ୍ୟ ଆଶିଷ କୁମାର ମହାନ୍ତି, କଂଗ୍ରେସ ସରପଞ୍ଚ ଆଶିଷ କୁମାର ପାତ୍ର, ରତନ ବାଗ ପ୍ରମୁଖ ଉନ୍ନୟନ ଯୋଜନା ସ୍ଥାନୀୟ ଷ୍ଟାଣ୍ଡିଂ କମିଟିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ବିଜେଡି ସମର୍ଥିତ ସରପଞ୍ଚ ତପନ କୁମାର ପଣ୍ଡା, ପ୍ରବୀର ଗିରି, ଜିଲାପରିଷଦ ସଦସ୍ୟ ଦେବାଶିଷ ଚାନ୍ଦ ପ୍ରମୁଖ ସଭାଗୃହରେ ଛିଡ଼ା ହୋଇ କଂଗ୍ରେସ ସଦସ୍ୟଙ୍କ ଦାବିକୁ ଯୁକ୍ତିହୀନ ବୋଲି କହିବାରୁ ଗୃହରେ ହଟ୍ଟଗୋଳ ହୋଇଥିଲା। ଏମ୍‌ପି ପ୍ରତିନିଧି ଅଂଶୁମାନ ମହାନ୍ତି ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଓ ଏସ୍‌ଡିଓ ଶାସକ ଦଳର ଦଳୀୟ ଭିତ୍ତିରେ କାର୍ଯ୍ୟ କରୁଥିବା ଅଭିଯୋଗ କରିବା ପରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରବୀର କୁମାର ବେହେରାଙ୍କ ଅନ୍ୟମାନେ ମଞ୍ଚ ସାମ୍ନାକୁ ଉଠିଆସି ପ୍ରତିବାଦ କରିବାରୁ ସଭାଗୃହ କିଛି ସମୟ ପାଇଁ ଅଶାନ୍ତ ହୋଇପଡ଼ିଥିଲା। କଂଗ୍ରେସ ସଦସ୍ୟ ସନ୍ତୋଷ କୁମାର ଜେନା ଅଭୟମହଲ ଗ୍ରାମରେ ମେଗା ପାନୀୟଜଳ ପ୍ରକଳ୍ପ ସ୍ଥାନାନ୍ତର ଦାବିରେ ଦୀର୍ଘ ୨୪ଦିନ ଧରି ଗ୍ରାମବାସୀ ଆନ୍ଦୋଳନ କରି ଆସୁଥିବା ବେଳେ ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ଶାସକ ଦଳକୁ ସମାଲୋଚନା କରି ଭୋଗରାଇ ବିଧାୟକଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ବ୍ଲକ ସମ୍ମୁଖରେ ଧାରଣା ଦେଇଥିବା ଅଭୟମହଲ ଗ୍ରାମବାସୀଙ୍କୁ କଂଗ୍ରେସ ସମର୍ଥନ କରି ଦୀର୍ଘସ୍ଥାୟୀ ଆନ୍ଦୋଳନ କରିବାକୁ ଘୋଷଣା କରିଥିଲା। ମୁଖ୍ୟଅତିଥି ଭାବେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ବିଡିଓ ଶଙ୍କର ପଟ୍ଟନାୟକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦୀପକ କୁମାର ଦାସଙ୍କ ସହ ସରକାରୀ କଳର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

## ବାଲିଆପାଳରେ ୧୭୨କୋଟି ଟଙ୍କାର ମେଗା ପାନୀୟଜଳ ପ୍ରକଳ୍ପ ଅନୁମୋଦିତ

ବାଲେଶ୍ୱର ଅଫିସ,୨୫।୧୧

ବାଲେଶ୍ୱର ଜିଲା ଦାୟିତ୍ୱ ନେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍ତର ବାଲେଶ୍ୱରବାସୀଙ୍କ ପାଇଁ ଆଉ ଗୋଟିଏ ବଡ଼ ପ୍ରକଳ୍ପ ଭେଟି ଦେଇଛନ୍ତି। ବାଲିଆପାଳରେ ୧୭୨କୋଟି ଟଙ୍କାର ମେଗା ପାନୀୟଜଳ ପ୍ରକଳ୍ପକୁ ଅନୁମୋଦନ କରି ବାଲେଶ୍ୱରବାସୀଙ୍କ ଦୀର୍ଘଦିନର ଦାବି ପୂରଣ କରିଛନ୍ତି। ଏନେଇ ବିଜେଡି ଜିଲା ସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଓ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଏକ ଖବରଦାତା ସମ୍ମିଳନୀରେ ବାଲେଶ୍ୱରବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ଏନେଇ ଜିଲା ସଭାପତି ଜେନା କହିଥିଲେ ଯେ, ମଙ୍ଗଳବାର କ୍ୟାବିନେଟରେ ଏହି ପ୍ରକଳ୍ପକୁ ଆର୍ଥିକ ଅନୁମୋଦନ ମିଳିଛି। ଓଡ଼ିଶା ସରକାର ୧୭୨ କୋଟି ଟଙ୍କା ପ୍ରକଳ୍ପ ପାଇଁ ମଞ୍ଜୁର କରିଛନ୍ତି। ପ୍ରକଳ୍ପ ହେବା ଦ୍ୱାରା ୨୧ଟି ପଞ୍ଚାୟତର ୧୪୪ଟି ଗାଁର ଓ ୩୭ ହଜାର ପରବାର ସିଧାସଳଖ ଭାବେ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ପାଣି ପାଇପାରିବେ। ଆସନ୍ତା ୨୬ ତାରିଖରେ ମୁଖ୍ୟମନ୍ତ୍ରୀ ବାଲେଶ୍ୱର ଆସିଲେ ସେତେବେଳେ ଏଥିପାଇଁ ତାଙ୍କୁ ଧନ୍ୟବାଦ ଦିଆଯିବ ବୋଲି ଜେନା କହିଥିଲେ।

# ବସ୍ତା ଛାତ୍ର ବିଜେଡି ପକ୍ଷରୁ ସଚେତନତା



ଛାତ୍ର ବିଜେଡି ପକ୍ଷରୁ ସଚେତନତା କରାଯାଉଛି।

ବସ୍ତା,୨୫।୧୧(ଡି.ଏନ.ଏ.)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲଥ କାର୍ଡ ବଣ୍ଟନର ଶୁଭାରମ୍ଭ ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଆସିବେ। ତାଙ୍କୁ ସ୍ୱାଗତ କରିବା ପାଇଁ ଏବଂ ଏହି ଜନହିତକର କାର୍ଯ୍ୟକ୍ରମକୁ ସଫଳ କରାଇବାକୁ ଆହ୍ୱାନ ଜଣାଇ ବସ୍ତା ଛାତ୍ର ବିଜେଡ଼ି ପକ୍ଷରୁ ବିଏସ୍‌କେୱାଇ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କାର୍ଡ଼ ବଣ୍ଟନର ମୁଖ୍ୟ ଉଦ୍ଦେଶ୍ୟ, କେଉଁମାନେ ଏହି କାର୍ଡ଼ ପାଇପାରିବେ, ବାଲେଶ୍ୱର ଜିଲାର କେଉଁ କେଉଁ ବେସରକାରୀ ଚିକିତ୍ସାଳୟରେ ଏହି ସୁବିଧା ମିଳିପାରିବ ଆଦି ପ୍ରମୁଖ ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା।

ଜିଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସ ମହାପାତ୍ରଙ୍କ ପରାମର୍ଶକ୍ରମେ ଏବଂ ବସ୍ତା ବ୍ଲକ ଛାତ୍ର ବିଜେଡ଼ି ସଭାପତି ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ବ୍ଲକର ତାଡ଼ଦା, ପାଉଁଶକୁଲି, କରୁଆ, ମୁକୁଲିସି, ଦରଡ଼ା, ରାଉତପଡା, ସିଙ୍ଗଲା, ଇଡ଼ଦା, ଭେଲୋରା ଆଦି ପଞ୍ଚାୟତରେ ସଚେତନତା ଲିଫଲେଟ ବଣ୍ଟାଯାଇଥିଲା। ଛାତ୍ର ବିଜେଡିର ସକ୍ରିୟ କର୍ମକର୍ତ୍ତାଙ୍କ ମଧ୍ୟରେ ସୁବ୍ରତ ବାଗ, ଦେବାଶିଷ ଜେନା, ସୌମ୍ୟଜିତ ପଣ୍ଡା, ସୁବାଶିଷ ବାରିକ, ଜଗବନ୍ଧୁ ବାଡ଼ି, ମନୋରଞ୍ଜନ ପ୍ରଧାନ, ରଞ୍ଜନ ସାହୁ, ଶଶିକାନ୍ତ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୫ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

### ଜିଲାସ୍ତରୀୟ ଶିଶୁ ଜାତୀୟ ବିଜ୍ଞାନ କଂଗ୍ରେସ ସମାବେଶ

ବାଲେଶ୍ୱର ଅଫିସ, ୨୫।୧୧



ଅତିଥିଙ୍କ ଗହଣରେ କୃତୀ ୫ ଛାତ୍ରୀଛାତ୍ର।

ବାଲେଶ୍ୱର ଚାନ୍ଦିପୁରସ୍ଥିତ ହିଡିଗାଁ ନିଷ୍ଠ +୨ ବିଜ୍ଞାନ ଓ କଳା ଆବାସିକ ମହାବିଦ୍ୟାଳୟରେ ୨୯ତମ ଜାତୀୟ ବିଜ୍ଞାନ କଂଗ୍ରେସ ସଭା ଆୟୋଜିତ ହୋଇଯାଇଛି। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ଆୟୋଜିତ ବିଜ୍ଞାନ ସମାବେଶରେ ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣମୋହନ ସିଂହ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଇଂରାଜୀ ଅଧ୍ୟାପକ ନିରଞ୍ଜନ ଜେନା ସମାବେଶର ଆଭିମୁଖ୍ୟ ରଖି ଶିକ୍ଷା, ବିଜ୍ଞାନ, ଧର୍ମ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ କେଶବ ଚନ୍ଦ୍ର ନାୟକ ଓ ଚନ୍ଦନ କୁମାର ନାୟକ ଯୋଗଦେଇଥିଲେ। ଜିଲା ବିଜ୍ଞାନ କଂଗ୍ରେସ ସଂଯୋଜକ କୁଞ୍ଜବିହାରୀ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ଜିଲାର ୧୨ଜଣ ବ୍ଲକସ୍ତରୀୟ ବିଜ୍ଞାନ ସଂଯୋଜକଙ୍କ ସମେତ ୧୫୦ରୁ ଅଧିକ ବିଜ୍ଞାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ। ସମାବେଶରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରାଚୀ ବୋଇ (ଏସ୍‌ଏନ୍ ହାଇସ୍କୁଲ), ଗୌରପ୍ରସନ୍ନ ପଣ୍ଡା (ସାନ୍ତଆ ହାଇସ୍କୁଲ), ଶ୍ରଦ୍ଧାଞ୍ଜଳି ଦାସ (ଦନ୍ତୁର ହାଇସ୍କୁଲ), ଅର୍ଘ୍ୟରୂପା ଦାସ (ଟାଉନ ହାଇସ୍କୁଲ), ରଘୁନାଥ ଗିରି (ଡିକେ ହାଇସ୍କୁଲ)ଙ୍କ ପ୍ରକଳ୍ପ ରାଜ୍ୟସ୍ତରୀୟ ଶିଶୁ ଜାତୀୟ ବିଜ୍ଞାନ କଂଗ୍ରେସ-୨୦୨୧ ସମାବେଶ ପାଇଁ ମନୋନୀତ କରାଯାଇଛି। ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ସୁଚିସ୍ମିତା କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଶ୍ରୀତୋସ୍ନା ମହାପାତ୍ର ଓ ପଦ୍ମିନୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ରୂପସା, ୨୫।୧୧(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ମଛଡ଼ିହାଠାରେ ୪ଦିନ ଧରି ଚାଲିଥିବା ନବନିର୍ମିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମାଙ୍କ ପୌରୋହିତ୍ୟରେ ସୋମବାର ଅଙ୍କୁରାପଣ ଓ ଅଧିବାସ ହୋଇଥିଲା। ମଙ୍ଗଳବାର ଶ୍ରୀମନ୍ଦିରରୁ ଆସିଥିବା ଆଜ୍ଞାମାଳ ସହ ବରଡ଼ିହାସ୍ଥିତ ଜଳକା ନଦୀଘାଟରୁ ଘଟ ଉତ୍ତୋଳନ କରାଯାଇ ଶତାଧିକ ଭକ୍ତ ଶୋଭାଯାତ୍ରାରେ ଆସି ମନ୍ଦିରରେ ପହଞ୍ଚିଥିଲେ। ଯଜ୍ଞ ଆରମ୍ଭ ହୋଇଥିଲା।

# ମା', ପୁଅଙ୍କୁ ଉଠାଇନେଲା ପୋଲିସ

### ପ୍ରଧାନମନ୍ତ୍ରୀ ଆବାସ ମିଳିଲାନି

### ମୁଖ୍ୟମନ୍ତ୍ରୀଙ୍କ ସଭାରେ ଆତ୍ମାହୁତି ଧମକ

ଖଇରା, ୨୫।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଅଧୀନ ଭୋଗୁପୁର ଗ୍ରାମର ସ୍ୱର୍ଗତ ନାରାୟଣ ଉପାଧ୍ୟାୟଙ୍କ ପରିବାରକୁ ବାରମ୍ବାର ଆବେଦନ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଆବାସ ଖଣ୍ଡିଏ ମିଳିପାରିଲାନି। ଘରଟିଏ ଚାହିଁ ଚାହିଁ ରୋଗିଣା ସ୍ୱାମୀ ନାରାୟଣ(୫୦)ଆଖି ବୁଜିଲେ। ସ୍ତ୍ରୀ ମାଳତୀ ମଧ୍ୟ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଡିଓ ଜିଲାପାଳ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରୀ କରିବା ସତ୍ତ୍ୱେ ଘରଟିଏ ମିଳିଲାନି କି ବିଧବା ଭତ୍ତା ହେଲାନି। ପୁରଣା ଖଟିମାଟି ଘରେ ଚଳିବା ମୁସ୍କିଲ ହୋଇପଡିଲା। ଏଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୬ତାରିଖରେ ବାଲେଶ୍ୱର ଆସୁଥିବା କଥା ଶୁଣିବା ପରେ ସଭାକୁ ଯାଇ ନିଜ ଦିବ୍ୟାଙ୍ଗ ପୁଅ ମୃତ୍ୟୁଞ୍ଜୟ ସହ ଆତ୍ମାହୁତି ଦେବାକୁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ବିଡିଓ ଓ ଜିଲାପାଳ କାର୍ଯ୍ୟାଳୟକୁ ଫୋନରେ ଜଣାଇଦେଇଥିଲେ। ଖବର ପାଇ ପ୍ରଥମେ ସିମୁଳିଆ ପୋଲିସ ବୁଧବାର ରାତିରେ ମାଳତୀଙ୍କୁ ଭେଟି ବୁଝାଶୁଝା କରିଥିଲେ ହେଁ ସେ ନିଜ ଜିଦରେ ଅଟଳ ଥିଲେ। ବାଧ୍ୟ ହୋଇ ଗୁରୁବାର ଖଇରା ବିଡିଓ ପର୍ଶୁରାମ ପଣ୍ଡା ମାଳତୀଙ୍କ ବାସଭବନକୁ ଯାଇ ଘର ପ୍ରଦାନ ପାଇଁ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ମାଳତୀ ଓ ତାଙ୍କ ପୁଅ ମୃତ୍ୟୁଞ୍ଜୟ ପ୍ରତିଶ୍ରୁତିରେ ଅରାଜି ଥିବା ନେଇ ପୋଲିସ ସୂଚନା ପାଇବା ପରେ ମୃତ୍ୟୁଞ୍ଜୟଙ୍କୁ ଥାନାକୁ ଉଠାଇ ନେଇଛନ୍ତି।

ମାଳତୀଙ୍କ କହିବା ଅନୁଯାୟୀ ତାଙ୍କ ସ୍ୱାମୀ କର୍କଟ ରୋଗରେ ଆକ୍ରାନ୍ତ ଥିବା ବେଳେ ମଧ୍ୟ ଘରଟିଏ ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ। ସ୍ୱାମୀଙ୍କ ଚିକିତ୍ସାରେ ୫ଲକ୍ଷ ଟଙ୍କା ଧାରକରଜ ହୋଇସାରିଛି। ପାଖରେ ଥିବା ବିଜୁ କୃଷକ କଲ୍ୟାଣ କାର୍ଡ ମଧ୍ୟ କାମ ଦେଲାନି। ଆର୍ଥିକ ଦୁରବସ୍ଥା ଯୋଗୁ ସେ ଆଉ ଘର ତିଆରି କରିବା ଅବସ୍ଥାରେ ନାହାନ୍ତି। ୨୨ବର୍ଷର ପୁଅ ଦିବ୍ୟାଙ୍ଗ ଯୋଗୁ ତା ଦାୟିତ୍ୱ ବି ତାଙ୍କୁ ନେବାକୁ ପଡୁଛି। ଝିଙ୍କିରିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ କିଛି ଲୋକଙ୍କ କଥାରେ ପଡି ରାଜନୈତିକ ମନୋଭାବ ରଖି ତାଙ୍କର ପକ୍କାଘର କାଟି ଦେଉଛନ୍ତି। ଏଣୁ ଏଭଳି ଋଣଗ୍ରସ୍ତ ହୋଇ ବଞ୍ଚିବାକୁ ଇଚ୍ଛା ନାହିଁ ବୋଲି କହିଛନ୍ତି।



ଘର ଆଗରେ ମାଳତୀ ଓ ତାଙ୍କ ଦିବ୍ୟାଙ୍ଗ ପୁଅ ମୃତ୍ୟୁଞ୍ଜୟ।

# ସରିଲା ଖଇରା ପଞ୍ଚାୟତ ସମିତି ବୈଠକ

ଖଇରା, ୨୫।୧୧(ଡି.ଏନ.ଏ.)



ପଞ୍ଚାୟତ ସମିତି ବୈଠକରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଓ ଅନ୍ୟମାନେ।

ପ୍ରବଳ ବିରୋଧ ସତ୍ତ୍ୱେ ଖଇରା ପଞ୍ଚାୟତ ସମିତର ୧୧ତମ ଅଧିବେଶନ ତଥା ଅନ୍ତିମ ବୈଠକ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ସଭାପତିତ୍ୱରେ ନୂତନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା, ବହୁ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ଅନୁପସ୍ଥିତିକୁ ନେଇ ବ୍ଲକ ଅଧ୍ୟକ୍ଷା ସାହୁ ଦୁଃଖ ପ୍ରକାଶ କରିଥିଲେ। ଯଦି ତାଙ୍କ ନିମନ୍ତ୍ରଣରେ କିଛି ତ୍ରୁଟି ଥାଏ ତେବେ ସେ କ୍ଷମା ଚାହୁଁଛନ୍ତି ବୋଲି କହିଥିଲେ। ଆଲୋଚନା ପାଇଁ ମୁଖ୍ୟତଃ ୧୦ଟି ପ୍ରସଙ୍ଗ ରଖାଯାଇଥିଲେ ହେଁ ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା, ପ୍ରାଣୀ ସମ୍ପଦ, ପାନୀୟ ଜଳ, ମହିଳା ଶିଶୁ ବିକାଶ ଉପରେ ଆଲୋଚନା କରାଯାଇଥିଲା। ସାମାଜିକ ସୁରକ୍ଷା ସମ୍ପର୍କିତ ଆଲୋଚନାରେ ବହୁ ବିଧବା, ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଆବେଦନ ସତ୍ତ୍ୱେ ସେମାନଙ୍କୁ ଭତ୍ତା କାହିଁକି ଦିଆଯାଉନାହିଁ ବୋଲି ଝିଙ୍କିରିଆ ସମିତିସଭ୍ୟ କୈଳାସ ମାଝି, ନୟାଖଣ୍ଡି ସରପଞ୍ଚ ମମତା ବେହେରା, ମାଖନପୁର ସରପଞ୍ଚ ସୁଦର୍ଶନ ସିଂ, ହରିପୁର ସମିତିସଭ୍ୟା ଚମ୍ପାବତୀ ପଣ୍ଡା, ଗୋବର୍ଦ୍ଧନ ପାଇକରାୟ ପ୍ରମୁଖ ପ୍ରଶ୍ନ ଉଠାଇଥିଲେ। ଉପଜିଲାପାଳ ବହୁ ଆବେଦନ ପେଣ୍ଡିଂ ପଡିଥିବା ନେଇ ବିଭାଗୀୟ ଅଧିକାରିଣୀ ପ୍ରକାଶ କରିଥିଲେ। ବିଡିଓ ପର୍ଶୁରାମ ପଣ୍ଡା ଏଥିରେ ହସ୍ତକ୍ଷେପ କରି ହିତାଧିକାରୀଙ୍କ ଅନଲାଇନ ଆବେଦନ ତ୍ରୁଟିକୁ ସଂଶୋଧନ ପାଇଁ ଜନସେବା କେନ୍ଦ୍ର ମାଲିକଙ୍କୁ ଡକାଇ ତାଲିମ ଦିଆଯିବ ବୋଲି କହିଥିଲେ। ସାମାଜିକ ସୁରକ୍ଷା ପ୍ରସଙ୍ଗ ଆଲୋଚନା ବେଳେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସରପଞ୍ଚ ସୁଶାନ୍ତ ମହାକୁଡ ଓ ଅଧିକାରିଣୀ ସାଲିମା ରାଉତଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଅଧିକାରିଣୀ ମିଛ କହୁଥିବା ଅଭିଯୋଗ ଆଣି ସରପଞ୍ଚ ମହାକୁଡ ରାଗିଯାଇ ଆସନ ଛାଡି ପଳାଇଥିଲେ। ସେହିଭଳି ଖାଦ୍ୟ ସୁରକ୍ଷା ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ ଅବସରରେ ବିଜୁ ସ୍ୱାସ୍ଥ୍ୟକାର୍ଡ ପ୍ରସ୍ତୁତି ପାଇଁ ନୂଆ ଆବେଦନଗୁଡିକୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ପାରୁ ନ ଥିବା ବିପଣୀ ନିରୀକ୍ଷକ ନିରଞ୍ଜନ ସାହୁ କହିଥିଲେ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଅଯୋଗ୍ୟମାନଙ୍କର ନାମ କଟାଯାଉ ନ ଥିବା ନେଇ ରଘୁନାଥ ପଣ୍ଡା, ଅଞ୍ଜନ ସେଠୀ ଓ ସୁଲୋଚନା ରାଉତରାୟ ପ୍ରମୁଖ ପ୍ରକାଶ କରିଥିଲେ। ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡା ରଘୁନାଥ ସିଂ ଘର ଅଗଣାରେ କୁକୁଡା, ଛେଳି ଚାଷ ଯୋଜନାରେ ମିଳୁଥିବା ରିହାତି ଉପରେ ଏବଂ ଗ୍ରାମ୍ୟ ପାନୀୟ ଜଳ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ବିକ୍ରମାଦିତ୍ୟ ପ୍ରଧାନ ନିର୍ମାଣ ହେବାକୁ ଥିବା ନୂତନ ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ। ସିଡିପିଓ ରଞ୍ଜୁରାଣୀ ଦାସ ବର୍ତ୍ତମାନ ୮୭ ଟି ଅଙ୍ଗନୱାଡି ଗୃହ ଅସମ୍ପୂର୍ଣ୍ଣ ଥିବା ନେଇ କହିଥିଲେ। ଉକ୍ତ ବୈଠକରେ ବ୍ଲକ ସହକାରୀ ଯନ୍ତ୍ରୀ ବବିତା ମୁଣ୍ଡା, ଜିପିଓ ରାମଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।

### ଫରକ ପଡ଼ିଲାନି ବିରୋଧ

ବୈଠକ କରାଇ ନ ଦେବାକୁ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ବିରୋଧୀ ଗୋଷ୍ଠୀ ଉଦ୍ୟମ କରି ଆସୁଥିଲେ। ଆବଶ୍ୟକ ସଦସ୍ୟ ଅଭାବରୁ ବୈଠକ ବାତିଲ ହେବ ବୋଲି ଆଭାସ ମିଳୁଥିଲା। କିନ୍ତୁ ଅଧ୍ୟକ୍ଷାଙ୍କ ସମର୍ଥନରେ ଆବଶ୍ୟକତା ଠାରୁ ଅଧୀକ ସଦସ୍ୟ ଉପସ୍ଥିତ ରହି ବୈଠକକୁ ସଫଳ କରାଇଥିଲେ। କୋରମ ପାଇଁ ୨୬ସଦସ୍ୟ ଆବଶ୍ୟକ ଥିବା ବେଳେ ୩୫ସଦସ୍ୟ ଉପସ୍ଥିତ ଥିଲେ।

